ଏଇ ଦେଶ ଏଇ ମାଟି..... । ।୧ । ।
ଚିର ମଳୟ ଯାର ପବନ ଚିର ସବୁଜ ଯାର କାନନ
ସାଗର ଯାହାର ରତ୍ନ ଭଣ୍ଡାର କୋଟି ରତ୍ନ ଦିଏ ଭେଟି
ଏଇ ଦେଶ ଏଇ ମାଟି..... । ।୨ । ।
ଯହିଁ ଝରଣା ଝରିଯାଏ ଯହିଁ କୋଇଲି କୁହୁଗାଏ
ସୁନା ଫସଲ ଲହରୀ ଖେଳେ ବୁକୁରେ ଯାଏ ଲୋଟି
ଏଇ ଦେଶ ଏଇ ମାଟି..... । ।୩ । ।

## ସତ୍ୟ ପଥେ ଚାଲ ରେ

ସତ୍ୟ ପଥେ ଚାଲ ରେ ବିଜୟ ପଥେ ଚାଲ ରେ
ଦେଶର ଆହ୍ୱାନ ଦେଶର ଆହ୍ୱାନ
ଶକ୍ତ କରି ମାଂସପେଶ. ହାତ ଧରି ଚାଲ ରେ
କଣ୍ଠୁ ଝରୁ ବିଜୟର ଗାନ ।।ଧୃ।।
ଗଙ୍ଗା ବହେ ଯେଉଁ ଦେଶରେ, ହିମାଳୟ ମୁକୁଟ ଶିରେ
ସାଗର ଲୋଟେରେ ଯାହାର ପୟରେ
ରଖ ସେହି ଦେଶର ମାନ ।।୧।।
ଯେଉଁ ଦେଶ ବୁକୁର ପରେ ଦେବତାଙ୍କ ଆଶୀଷ ଝରେ
ଧର୍ମ ବଳରେ କର୍ମ ବଳରେ ଜ୍ଞାନ ବଳରେ ଭକ୍ତି ବଳରେ
ରଖ ସେହି ଦେଶର ମାନ ।।୨।।

## ଏଇ ଭାରତ ଆମ ଜନନୀ ଜନମ ଭୂଇଁ

ଏଇ ଭାରତ ଆମ ଜନନୀ ଜନମ ଭୂଇଁ
ଏଇ ଭାରତ ଯାର ଜଗତେ ତୁଳନା ନାହିଁ
ସେନେହ ସୁହାଗ ଯାର ଅନୁରାଗ
ମୈତ୍ରୀର ବନ୍ଧନ ନେଇ ।।ଧୃ।।
ମଥାରେ ଯାହାର ମୁକୁଟ ପରାଏ ତୁଙ୍ଗ ହିମଗିରି ଶୋହେ
ଚରଣ ଯୁଗଳ ପରଶି ଯାହାର ସପତ ସିନ୍ଧୁ ବହେ
ଯାର ବୁକୁରେ କୋଟି ନିର୍ଝରିଣୀ ଯାଏ ବହି
ଯାର କଟିରେ ବିନ୍ଧ୍ୟ ଗିରିବର ଅଛି ରହି
ପ୍ରତି ଧୂଳିକଣା ପ୍ରତି ଜଳବିନ୍ଦୁ ଯା ନାମକୁ ଯାଏ ଗାଇ ।।୧।।
ସବୁଜିମା ଯାର ଚିର ଆଭରଣ ସୁନ୍ଦର ଯାହାର ଶିରୀ

ଗଉରବ ଯାର ଅକ୍ଷୟ କିରତୀ ସଉରଭେ ଉଠେ ପୂରି
ଯାର ପରାଣ ଆମ ସବୁରି ମମତା ନେଇ
ସେଇ ଭାରତର ସନ୍ତାନ ଆମେରେ ଜଗତ କଲ୍ୟାଣ ପାଇଁ ।।୨।

## ବିଜୟ ପଥର ଯାତ୍ରୀ ଆମେ

ବିଜୟ ପଥର ଯାତ୍ରୀ ଆମେ ବିଜୟ ପଥର ଯାତ୍ରୀ
ପରାଜୟ ଆମ ଜାତକରେ ନାହିଁ ସତ୍ୟ ଆମର ସାଥୀ ।।ଧୃ।।
ଅନ୍ଧାର ରଜନୀ ଯାଇଛି ପାହି
ଜାଗିଛି ଅରୁଣ ତରୁଣ ହୋଇ ।
ଜାଗୃତିର ନବ କିରଣ ବିଭବ ଗଗନେ ଯାଉଛି ମାତି ।।୧।।
ଯୁଗ ଯନ୍ତ୍ରଣାକୁ ପାଦରେ ଦଳି
ନବ ଜାଗରଣ ଝଙ୍କାର ତୋଳି ।
ଜାଗିଅଛି ହିନ୍ଦୁ ଜାଗିଅଛି ସିନ୍ଧୁ ଆମେରେ ଗୌରବ କ୍ରାନ୍ତି ।।୨।।
ସମୟ ମାଗୁଛି ସମୟ ଆଜି
ଆଗରେ ଉତ୍ତର ସାଧକ ସାଜି ।
ସାଧନାର ବଳେ ଆଣିବୁ ଭୂତଳେ ନବଯୁଗ ଭାଗିରଥୀ ।।୩।।

## ଏ ମାଟି ଛୁଇଁ ଶପଥ କର

ଏ ମାଟି ଛୁଇଁ ଶପଥ କର  ଏହାର ଧୂଳି ମୁଣ୍ଡରେ ମାର
ସୁନାଠୁ ବଳି ଏ ଖାଣ୍ଟିରେ
ମୋ ଜନମ ଭୂଇଁର ମାଟିରେ ।।ଧୃ।।
ଏହାର ଧୂଳିକଣାଟି ପାଇଁ ଅରି ରକତେ ବୁହାଇ ନଈ
କୋଟି ମୁଣ୍ଡ ଯାଇଅଛି କଟିରେ

ମୋ ଜନମ ଭୂଇଁର ମାଟିରେ ।।୧।।
ଏହାର ତୁଲ କିଏ ସେ ହେବ  ଜଗତ କୋଳେ ନାହିଁ ନଥିବ
କିଏ ପାରେ ଏହା ମାୟା କାଟିରେ
ମୋ ଜନମ ଭୂଇଁର ମାଟିରେ ।।୨।।

## ଅଭିନୟ ଗୀତ

ବର୍ଷା କହେ ମାଟିରେ ତୁ ....
ବର୍ଷା କହେ ମାଟିରେ ତୁ ବତୁରୀ ବତୁରୀ ଯା
ମାଟି କହେ ଗଜାରେ ତୁ ଉତୁରୀ ଉତୁରୀ ଯା
ଗଜା କହେ ପତ୍ରରେ ତୁ ପତ୍ରି ପତ୍ରି ଯା
ପତ୍ର କହେ ଗଛରେ ତୁ ବଢ଼ି ବଢ଼ି ଯା
ଗଛ କହେ ଫୁଲରେ ତୁ ଫୁଟି ଫୁଟି ଯା
ଫୁଲ କହେ କସିରେ କସି ଧରି ଯା
କସି କହେ ଫଳରେ ତୁ ବଡ ହୋଇ ଯା
ବଡ ହେଲେ ଖାଇବେ ପିଲେ କରି ଏଡେ ଆଁ ।

ନୀଳ ଆକାଶରେ ....
ନୀଳ ଆକାଶରେ ସୂର୍ଯ୍ୟ ଯହିଁ ହସେରେ
ଜହ୍ନମାମୁଁ ଦେଶରେ ଆମେ ବୁଲିଯିବା ଆସରେ
ରକେଟ୍ ଚଢ଼ି ବସରେ
ଡାହାଣ ହାତ ଆଗକୁ ନେବା ଡାହାଣ ହାତ ପଛକୁ ନେବା
ଥିରି ଥିରି ହଲେଇ ଦେବା ।।
ନୀଳ ଆକାଶରେ ସୂର୍ଯ୍ୟ ଯହିଁ ହସେରେ ....

ଏକ ଗଲା ଶିକାର କରି ....
ଏକ ଗଲା ଶିକାର କରି ଦୁଇ ଥିଲା ତା ସାଥେ
ତିନି ତାଙ୍କ ପଛରେ ଥିଲା ବାଘ ଦେଖିଲା ବାଟେ
ଚାରି ଚଢ଼ିଲା ଆମ୍ବ ଗଛରେ ପାଞ୍ଚ ପଡିଲା ତଳେ
ଛଅ ଦେଖିଣ ହସୁଥିଲା ଦୋଳି ଖେଳି ତା ଡାଳେ
ସାତ ନାଚିଲା ଘୁଙ୍ଗୁର ପିନ୍ଧି ଆଠ ଗାଇଲା ଗୀତ
ନଅ ଚାଲିଲା ନଉକା ଧରି ଦଶ ଧରିଲା କାତ ॥

ଥିଲା ଏକ ଠେକୁଆ ...
ଥିଲା ଏକ ଠେକୁଆ ନାଟି ତାର ଭକୁଆ
ଦେହ ତାର ଗରମ ତୁଳାପରି ନରମ
ଦେଖିବାକୁ ସେ ଧଳା ଧଇଲା ଦିନେ କେଳା
ଭଲକରି ଗୁଡାଇ ମୁଣିରେ ଦେଲା ପୁରାଇ
କେଳା ଘରକୁ ଗଲା କେଲୁଣିକୁ ନେଇ ଦେଲା
କହିଲା ଜିରା ମରିଚ ବାଟ ୟାକୁ ଟିକି ଟିକି କରି କାଟ
ଦେଇ ଲୁଣ ହଳଦୀ ତିଅଣ କର ଜଲଦି
କେଳା ଗଲା ଗାଧୋଇ ପୁଅକୁ ଦେଲା ଜଗାଇ
କେଳା ପୁଅ କଣ କଲା ଫାସଟିକୁ ଫିଟାଇ ଦେଲା
ଠେକୁଆ ମାରିଲା ଚଲ, କେଳାପୁଅଟି ଭଲ ॥

## ସଂସ୍କାର ବର୍ଗର ରଚନା

**୧.ନଗର ସଂସ୍କାର ବର୍ଗ ପ୍ରମୁଖ:** ନଗରର ସମସ୍ତ ସଂସ୍କାର ବର୍ଗର ପାଠ୍ୟକ୍ରମର ବିଷୟ ନିର୍ଦ୍ଧାରିତ କରିବା । ନିୟମିତ ସଂସ୍କାର ବର୍ଗକୁ ପ୍ରବାସ କରିବା । ନଗର ବୈଠକରେ ନିୟମିତ ଉପସ୍ଥିତ ରହିବା ।

୨.ବିସ୍ତାର ପ୍ରମୁଖ : ବିସ୍ତାରରେ ଚାଲୁଥିବା ଗତିବିଧି ଉପରେ ନିୟମିତ ଧ୍ୟାନ ଦେବା । କାର୍ଯ୍ୟକର୍ତ୍ତାଙ୍କ ସହିତ ସତତ ସମ୍ପର୍କ । ସାପ୍ତାହିକ ବିସ୍ତାର ବୈଠକର ସଞ୍ଚାଳନ ଓ ଆୟୋଜନ । ବିସ୍ତାରରେ ସମ୍ପର୍କ ତନ୍ତ୍ରର ବିକଶିତ କରିବା ।

୩.ବିସ୍ତାର ସଂସ୍କାର ବର୍ଗ ପ୍ରମୁଖ : ବିସ୍ତାରରେ ନିୟମିତ ସଂସ୍କାର ବର୍ଗ ଚାଲୁଛି କି ନାହିଁ ଧ୍ୟାନ ଦେବା । ନିୟମିତ ବିସ୍ତାର ବୈଠରେ ଉପସ୍ଥିତ ରହିବା ତଥା ସଂସ୍କାର ବର୍ଗର ନିୟୋଜନ କରିବା । ସଂସ୍କାର ବର୍ଗର ଶିକ୍ଷକ, ଗଟ ପ୍ରମୁଖର ପ୍ରଶିକ୍ଷଣ ତଥା ବିକାଶ ଉପରେ ନିରନ୍ତର ଧ୍ୟାନ ଦେବା । ଶିକ୍ଷକ ଓ ଗଟ ପ୍ରମୁଖଙ୍କର ଦାୟିତ୍ୱ ଏବଂ ସଂସ୍କାର ବର୍ଗ ନିର୍ଦ୍ଧାରଣ କରିବା । ନଗର ସ୍ତରରେ ସଂସ୍କାର ବର୍ଗର ପାଠ୍ୟକ୍ରମ ତଥା ଚର୍ଚ୍ଚାକୁ ବିସ୍ତାର ସ୍ତରରେ ପାଳନ କରିବା ।

୪.ସଂସ୍କାର ବର୍ଗ ଶିକ୍ଷକ : ସଂସ୍କାର ବର୍ଗରେ ସଞ୍ଚାଳନ ତଥା ସମ୍ପର୍କର ଦାୟିତ୍ୱ । ନିର୍ଦ୍ଧାରିତ ନିତ୍ୟ କାର୍ଯ୍ୟକ୍ରମ(ଚର୍ଯ୍ୟା)କୁ ସଂସ୍କାର ବର୍ଗରେ ବ୍ୟବସ୍ଥିତ ପାଳନ କରିବା । ଗଟ ପ୍ରମୁଖମାନଙ୍କର ଦାୟିତ୍ୱ ନିର୍ଦ୍ଧାରିତ କରି ସମ୍ପର୍କ ତନ୍ତ୍ର ବିକଶିତ କରିବା । ସଂସ୍କାର ବର୍ଗର ଦୈନନ୍ଦିନୀରେ ନିୟମିତ ଉପସ୍ଥିତି ତଥା ନିତ୍ୟ କାର୍ଯ୍ୟକ୍ରମର ପାଳନ ଲେଖିବା । ବିସ୍ତାର ବୈଠକରେ ନିୟମିତ ଉପସ୍ଥିତ ହୋଇ ନିର୍ଦ୍ଧାରିତ ସୂଚନାକୁ ପୂର୍ଣ୍ଣ ରୂପରେ ପାଳନ କରିବା ।

୫.ଗଟ ପ୍ରମୁଖ : ସଂସ୍କାର ବର୍ଗକୁ ଆସୁଥିବା ପିଲାମାନଙ୍କର ସାହି, ପଡ଼ା, ଗଳିରେ ବିଭକ୍ତ କରି ଗୋଟିଏ ଗୋଟିଏ ସାହିର ଦାୟିତ୍ୱ ପିଲାମାନଙ୍କୁ ଦେବା ଗଟ ପ୍ରମୁଖର ପ୍ରମୁଖ ଦାୟିତ୍ୱ ଅଟେ । ସଂସ୍କାର ବର୍ଗରେ ସବୁ ପିଲାମାନେ ଉପସ୍ଥିତ ରହିବା ଓ ସମସ୍ତେ ଠିକ୍ ସମୟରେ ପହଞ୍ଚିବା ଇତ୍ୟାଦି ଦେଖିବା ଗଟ ପ୍ରମୁଖର ଦାୟିତ୍ୱ ଅଟେ । ସଂସ୍କାର ବର୍ଗର ନିତ୍ୟ କାର୍ଯ୍ୟକ୍ରମର ପାଳନ ପୂର୍ବ ନିର୍ଦ୍ଧାରିତ ଆଲୋଚନା ଅନୁସାରେ ହେବା ଉଚିତ । ଅନୁଶାସନ ବିଷୟରେ ମଧ୍ୟ ଧ୍ୟାନ ଦେବାକୁ ହେବ । ନିଜ ନଗରର ପିଲାମାନଙ୍କ ସହିତ ନିୟମିତ ସମ୍ପର୍କ ତଥା ବିସ୍ତାର ବୈଠକରେ ନିୟମିତତା ସହିତ ସୂଚନାକୁ ବ୍ୟବସ୍ଥିତ ପହଞ୍ଚାଇବା ଅତ୍ୟନ୍ତ ଆବଶ୍ୟକ ।

# ନୈପୁଣ୍ୟ ବର୍ଗ - ପ୍ରାର୍ଥନାର ଅନୁଶାସନ

ପ୍ରାର୍ଥନାର ମହତ୍ୱ ବିଷୟରେ କୁହାଯାଏ ।
ଶବ୍ଦ ଉଚ୍ଚାରଣ, ଲୟ ଏବଂ ସ୍ୱର ଉପରେ ବିଶେଷ ଧ୍ୟାନ ଦିଆଯାଉ ।
ପ୍ରାର୍ଥନା ଗାଇବା ସମୟରେ ଭାବ ଓ ଶ୍ରଦ୍ଧା ସହିତ ଗାନ କରାଯାଉ ।
ପ୍ରାର୍ଥନାର ଗାମ୍ଭୀର୍ଯ୍ୟ ଉପରେ ଧ୍ୟାନ ଦିଆଯାଉ ।
କେବେ ବି ମଜା କିମ୍ବା ଅନୁଶାସନରହିତ ପ୍ରାର୍ଥନା ଗାନ କରାନଯାଉ ।
ପ୍ରାର୍ଥନା ସମୟରେ ସମସ୍ତେ ସବୁ ବେଳେ ପଂକ୍ତିରେ ଠିଆ ହୁଅନ୍ତୁ ।
ଭାଇ ଓ ଭଉଣୀମାନଙ୍କର ପଂକ୍ତି ଅଲଗା ଅଲଗା ହେଉ ।
ନମସ୍କାର ମୁଦ୍ରାରେ ସିଧା, ଶରୀର ନହଲାଇ ଠିଆ ହୁଅନ୍ତୁ । ହାତ ଢିଲା ନ ରହୁ । ଛାତିର ମଧ୍ୟଭାଗ ସୂର୍ଯ୍ୟଚକ୍ର ସ୍ପର୍ଶ କରି ନମସ୍କାର ମୁଦ୍ରା କରାଯାଉ ।
ପ୍ରାର୍ଥନା ସବୁବେଳେ ଆଗପଛ ଦୋହରାଇ ଗାନ କରାଯାଉ । (ଦୁଇ ଜଣ ହେଲେ ମଧ୍ୟ)
ପ୍ରାର୍ଥନା ମୁଖସ୍ଥ କରିବାପାଇଁ ସମସ୍ତେ ଯତ୍ନବାନ ହୁଅନ୍ତୁ ।

# ନୈପୁଣ୍ୟ ବର୍ଗ-ଗୀତ

ସହଜ ରୂପରେ ସଂସ୍କାରର ମାଧ୍ୟମ ରାଷ୍ଟ୍ର ଭକ୍ତି ଗୀତ ।
ଗୀତ ସଂକ୍ଷେପରେ ବଡ଼ ସଂକଳ୍ପନାକୁ ମନ ମଧ୍ୟରେ ଅଙ୍କିତ କରେ ।
ଲୟ କିମ୍ବା ସ୍ୱରର କାରଣ, କଣ୍ଠସ୍ଥ ହେବା ପାଇଁ ସରଳ ହୁଏ ।
ସମସ୍ତଙ୍କ ସହିତ ସ୍ୱର ମିଶେଇ ଗାଇବାର ଅଭ୍ୟାସ ଦ୍ୱାରା ସାମୁହିକ ସଂସ୍କାରର ସହଜରେ ସମ୍ଭବହୁଏ ।
ଗୀତ ନେଉଥିବା କାର୍ଯ୍ୟକର୍ତ୍ତାର ଗୀତ କଣ୍ଠସ୍ଥ ହେବା ଅପେକ୍ଷିତ ଅଟେ, ତଥାପି ଲିଖିତ ଗୀତ ପଦାବଳୀ ହାତରେ ରଖିବା ଆବଶ୍ୟକ ।
ଗାଇବା ସମୟରେ ପ୍ରେରଣାର ବାତାବରଣ ନିର୍ମାଣ କରିବା ଜରୁରୀ ଅଟେ, ସମସ୍ତଙ୍କୁ ଦେଖି କି ଗାଇବା, ଭାବ ସହିତ ଗାଇବା ଦ୍ୱାରା ସଂସ୍କାର ସଂପ୍ରେଷିତ ହୁଏ । ସମସ୍ତଙ୍କୁ ଗାଇବା ପାଇଁ ପ୍ରେରିତ କରିବା ତଥା ପିଲା ମାନଙ୍କ ଆଡ଼କୁ ବିଶେଷ ଧ୍ୟାନ ଦେବା ।

ମାସିକ ଗୋଟିଏ ଗୀତର ଯୋଜନା ଭଲ ଅଟେ ।
ଉତ୍ସବ ଅନୁସାରେ ଗୀତ ନେବା ମଧ୍ୟ ଭଲ ଅଟେ ।
ଖେଳ, ଶ୍ରମାନୁଭବ, ପ୍ରେରଣାରୁ ପୁନଃରୁତ୍ଥାନ ଆଦି ସତ୍ରରେ ବିଷୟ ଏବଂ ପ୍ରସଙ୍ଗ ଅନୁସାରେ ଗୀତର ଚୟନ ହେବା ଆବଶ୍ୟକ ।

## ନୈପୁଣ୍ୟ ବର୍ଗ - ଖେଳ

ସଂଖ୍ୟା, ସ୍ଥାନ, ସମୟ ଏବଂ ଆୟୁବର୍ଗ ଅନୁସାରେ ଖେଳର ନିୟୋଜନ କରିବା ଦରକାର ।
ସମୟ, ଖେଳର କ୍ରମ ତଥା ଆବଶ୍ୟକ ସାମଗ୍ରୀ ଦଣ୍ଡ, ରୁମାଲ, ସିଟିର ପୂର୍ବ ନିୟୋଜନ କରିବା ଦରକାର ।
ଖେଳ ବଦଳିବା ହେତୁ ସଂକେତ ସ୍ଥାପନା କରିବା ।
ପ୍ରେରଣା ଏବଂ ଉତ୍ସାହବର୍ଦ୍ଧନ ହେତୁ ନାରାର ପ୍ରୟୋଗ ।
ଖେଳ ବୁଝାଇବା ପାଇଁ ଶବ୍ଦାବଳୀ ଏବଂ ସଂକେତ ସଂକ୍ଷିପ୍ତ, କିନ୍ତୁ ସ୍ପଷ୍ଟ ହେଉ । ବୁଝାଇବା ପାଇଁ ଅଧିକ ସମୟ ନନେବା, ଆବଶ୍ୟକ ହେଲେ ପ୍ରତ୍ୟକ୍ଷ କରି ଦେଖାଇବା ।
ଖେଳରେ ଧାଡ଼ି ଗୁଡ଼ିକର ନାମ ମହାପୁରୁଷଙ୍କ ନାମ ଅନୁସାରେ ଦେଲାବେଳେ ସେମାନଙ୍କ ସମ୍ମାନକୁ ଯେପରି କ୍ଷତି ନ ପହଞ୍ଚେ ତାହାର ଧ୍ୟାନ ଦେବା ଆବଶ୍ୟକ ।
ଶିକ୍ଷକଙ୍କର ଗଣ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ, ଉତ୍ସାହରେ ସୀମାର ବାହାରେ ନ ରହିବା ଅର୍ଥାତ୍ ଉତ୍ସାହର ସହିତ ବୁଝିବା ଶକ୍ତି ରହିବା ଦରକାର ।
ସଂସ୍କାର ବର୍ଗରେ ନିର୍ଦ୍ଧାରିତ ସମୟ ସାରଣୀ ଅନୁସାରେ ଖେଳର ସମୟ ହେଉ ।

## ନୈପୁଣ୍ୟ ବର୍ଗ - ସୂର୍ଯ୍ୟ ନମସ୍କାର

ପ୍ରତ୍ୟେକ ସ୍ଥିତିରେ ସୁଧାର ନିମନ୍ତେ ଶବ୍ଦାବଳୀ ନିଶ୍ଚିତ ହେଉ ।
ପ୍ରତ୍ୟେକ ସ୍ଥିତିର ପ୍ରତ୍ୟକ୍ଷ ପ୍ରଦର୍ଶନ ଅଲଗା ଅଲଗା ହେଉ । ଏକ ସ୍ଥିତିରୁ ଅନ୍ୟ

ଏକ ସ୍ଥିତିକୁ ଯିବା ପାଇଁ ଅଭ୍ୟାସ କରିବା ପରେ ହିଁ ପୂର୍ଣ୍ଣ ସୂର୍ଯ୍ୟ ନମସ୍କାରର ଅଭ୍ୟାସ ।

ଆଦର୍ଶ ସ୍ଥିତି ଏବଂ ବୀଜମନ୍ତ୍ର ର ପୂର୍ଣ୍ଣ ଅଭ୍ୟାସ ହେଲାପରେ ଶ୍ୱାସ ପ୍ରଶ୍ୱାସ ପ୍ରତି ଧ୍ୟାନ ଦିଆଯାଉ ।

ସ୍ଥିତି ଗୁଡ଼ିକରେ ଅଙ୍କ ହିଁ ପର୍ଯ୍ୟାପ୍ତ ଅଟେ,ଆସନ ଗୁଡ଼ିକ ନାମ କହିବାର ଆବଶ୍ୟକ ନାହିଁ । ଉଚ୍ଚ ସ୍ୱରରେ ମନ୍ତ୍ର ଉଚ୍ଚାରଣ କରିବ ତଥା ଆବୃତ୍ତି, ପୁନରାବୃତ୍ତିପରେ ପ୍ରାର୍ଥନା ଏବଂ ମନ୍ତ୍ର ହେଉ । କେନ୍ଦ୍ରର ହଳଦିଆ ଯୋଗ ପୁସ୍ତକ ଅନୁସାରେହିଁ ସ୍ଥିତିଗୁଡ଼ିକର ଅଭ୍ୟାସ କରାଯିବା

ଦରକାର ଯାହାଦ୍ୱାରା ସମସ୍ତ ସ୍ଥାନରେ ସମାନତା ରହିବ ।

ସ୍ଥିତିର ସୁଧାର ଦୁଇଦଳରେ ବିଭାଜିତ କରି ଅଭ୍ୟାସ କରାଯାଇ ପାରିବ ।

ଦରକାର ଯାହାଦ୍ୱାରା ସମସ୍ତ ସ୍ଥାନରେ ସମାନତା ରହି ।

ସ୍ଥିତିର ସୁଧାର ହେତୁ ଦୁଇଦଳରେ ବିଭାଜିତ କରାଯାଇ ପାରିବ ।

## ନୈପୁଣ୍ୟ ବର୍ଗ - କଥାକଥନ (କାହାଣୀ)

ଗପ କହିବାର କଳା ଦୁଇ ପ୍ରକାର ଅଟେ । ଏହି ଦୁଇଟିକୁ ବୁଝିବା ଆବଶ୍ୟକ ଅଟେ ।

ଭାଷା ସରଳ, ଶୁଦ୍ଧ ତଥା ଶବ୍ଦଚୟନ ପିଲାଙ୍କ କ୍ଷମତା ଅନୁସାରେ ହେଉ ।

ସଂସ୍କାର ବର୍ଗର ଧ୍ୟେୟ ପ୍ରତି ଧ୍ୟାନ ଦେଇ କାହାଣୀର ଚୟନ କରିବା ।

ହାବ ଭାବ ତଥା ସ୍ୱରର ଉଚ୍ଚ-ନୀଚ ସ୍ୱର ପ୍ରତି ଧ୍ୟାନ ରହୁ ।

ସମସ୍ତଙ୍କ ଆଖିରେ ଦେଖିବାର ପ୍ରୟାସ କରିବା ।

କାହାଣୀରେ ପ୍ରତ୍ୟକ୍ଷ ଚିତ୍ର ସାମ୍ନାରେ ଅଛି, ଏପରି ବର୍ଣ୍ଣନା କରିବା ।

ଅନାବଶ୍ୟକ ବର୍ଣ୍ଣନାରୁ ଦୂରେଇ ରହିବା ଦରକାର ।

କଥାକଥନ କରିବା ସମୟରେ ବ୍ୟକ୍ତିଗତ ଅଭ୍ୟାସ (କାନ,ନାକ କୁ ଇବା , ଗୋଡ ହଲାଇବା)

ଗୋଟିଏ ଶବ୍ଦକୁ ବାରମ୍ବାର କହିବା (ଯେପରି ବୁଝିଲ !)ର ଅଭ୍ୟାସ ବନ୍ଦ କରିବା ।

ପ୍ରଶ୍ନ ନ ପଚାରିବା ଦରକାର ।

# ଆଜ୍ଞା ପାଳନ

ସାମାନ୍ୟ ସୂଚନା -

ଆଜ୍ଞା ପ୍ରଦାନକାରୀ ଶିକ୍ଷକ ଏପରି ସ୍ଥାନରେ ଠିଆହେବା ଦରକାର, ଯେଉଁଠି ସମସ୍ତେ ଦେଖି ପାରିବେ ।

ଉଚ୍ଚସ୍ୱର ହେବା ଦରକାର, ସ୍ୱର ଗୁଡିକ ଆଜ୍ଞା ଦେବାର ଭାବ ରହିବ, ଆଦେଶାତ୍ମକ ଭାବମୂର୍ତ୍ତି

ମଧ୍ୟ ରହିବ ।

ଆଜ୍ଞାର ଦୁଇ ଶବ୍ଦ ମଧ୍ୟରେ ସୂକ୍ଷ୍ମ ବିରାମ ରହିବ, ଦ୍ୱିତୀୟ(ଭବ,କୁରୁ) କୁ କାଟି କରି ସମାପ୍ତକର । ଦୀର୍ଘ ଶବ୍ଦ ନ ହେବା ଉଚିତ୍ ।

ଶିକ୍ଷକ ଆଜ୍ଞା ଦେବା ସମୟରେ ନିଶ୍ଚଲୋ ଭବ ରେ ସ୍ଥିର ଠିଆ ହେବ, ହଲିବା,ଚାଲିବା,ବୁଲିବା ସମୟରେ ଆଜ୍ଞା ଦିଆଯାଏ ନାହିଁ ।

ପ୍ରଦର୍ଶନ ଏବଂ ପ୍ରଶିକ୍ଷଣ ପାଇଁ କରିକି ଦେଖାଇବା, ପ୍ରଶିକ୍ଷଣ ସମୟକୁ ଛାଡି ଅନ୍ୟ ସମୟରେଶିକ୍ଷକ ସ୍ୱୟଂ ସେହି ଆଜ୍ଞାର ପ୍ରଦର୍ଶନ କରିବେ ନାହିଁ । ସ୍ୱୟଂ ସ୍ଥିର ରହିବେ, ଯେପରି ଗଣନଂ କୁରୁ ଆଜ୍ଞା ସମୟରେ ନିଜେ ବୁଲିବ ନାହିଁ । ଯେତେଦୂର ସମ୍ଭବ ପ୍ରଦର୍ଶନ ପାଇଁ ଅଗ୍ରସର ରୂପେ କୌଣସି ଏକ କାର୍ଯ୍ୟକର୍ତ୍ତାକୁ ଆଗରେ ଠିଆ କରାଇବା । ଅଗ୍ରସରକୁ ଆଜ୍ଞା ଦେଲା ସମୟରେ ଆଜ୍ଞା ପୂର୍ବରୁ ଆଗ ଅଗ୍ରସର କହିବା (ଯେପରି ଅଗ୍ରସର ନିଶ୍ଚଲୋ ଭବ) ପ୍ରଦର୍ଶନ । ପରେ ଯେତେବେଳେ ସମସ୍ତଙ୍କ ପାଇଁ ଆଜ୍ଞା ଅଭ୍ୟାସ କରାଇବା, ସେତେବେଳେ ଆଜ୍ଞା ପୂର୍ବରୁ ବର୍ଗ କିମ୍ବା ଗଣ, ଶିବିରରେ ଏହିପରି ସମୁହବାଚକ ସମ୍ବୋଧନର ପ୍ରୟୋଗ କରିବା । (ଗଣ ନିଶ୍ଚଲୋ ଭବ) ସମସ୍ତଙ୍କ ପାଇଁ ଆଜ୍ଞା ଏହିପରି କହିବା ନାହିଁ ।

# ଆଜ୍ଞା ଅଭ୍ୟାସ

## ପ୍ରାଥମିକ ଆଜ୍ଞା

**୧.ନିଶ୍ଚଲୋ ଭବ** - ଶବ୍ଦାର୍ଥ: ସ୍ଥିର ଭାବେ ଠିଆହେବା ।

ସ୍ଥିତିର ବର୍ଣ୍ଣନା- ଗୋଇଠି ସାଙ୍ଗରେ ଯୋଡ଼ି ହୋଇଥିବ । ପଞ୍ଝା ୩୦° ରେ ମେଲେଇ ହୋଇ ଥିବ ।

ଆଣ୍ଠୁ ସିଧା, ଶରୀର ପୁରା ଟାଣି ହୋଇରହିବ ।

ବୁଢ଼ା ଆଙ୍ଗୁଠିକୁ ଛାଡ଼ି ଅନ୍ୟ ଚାରି ଆଙ୍ଗୁଠିକୁ ମୋଡ଼ି ମୁଠାକୁ ଧରିବ, ହାତ କାନ୍ଧରୁ ତଳକୁ ଝୁଲି ରହିବ । ମୁଠି ଜଂଘକୁ ଲାଗି ରହିବ । ବୁଢ଼ା ଆଙ୍ଗୁଳି ଆଗ ଆଡ଼କୁ ଏବଂ ଆଙ୍ଗୁଳି ଗୁଡ଼ିକ ଜଙ୍ଘକୁ ସ୍ପର୍ଶ କରିବ ।

ହାତ ତଳକୁ ଟାଣି ରଖିବା, କାନ୍ଧକୁ ପଛ ଆଡ଼କୁ ଟାଣିବା, ଛାତି ଆଗକୁ ଫୁଲେଇ ରଖିବା, ବେକ ସିଧା ଏବଂ ଦୃଷ୍ଟି ସାମ୍ନାରେ ସ୍ଥିର ରଖିବା ।

ଧ୍ୟାତବ୍ୟ - ନିଶ୍ଚଲୋ ଭବରେ ଆଦୌ ହଲିବା ନାହିଁ । ସପୂର୍ଣ୍ଣ ସ୍ଥିର ରହିବା । ଶିକ୍ଷକ ପାଇଁ ଏହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ କି ନିଶ୍ଚଲୋ ଭବ ସ୍ଥିତିର ସହଭାଗିତା କ୍ଷମତା ଅନୁସାରେ ସମସ୍ତଙ୍କୁ ଠିଆ କରାଇବା ।

**୨.ସୁସ୍ଥିତୋ ଭବ** - ଶବ୍ଦାର୍ଥ : ଆରାମ ଦାୟକ ସ୍ଥିତିରେ ଠିଆହେବା ।

ସ୍ଥିତିର ବର୍ଣ୍ଣନା - ଆଜ୍ଞା ନିଶ୍ଚଲୋ ଭବରେ ହିଁ ଦିଆଯିବ । ନିଶ୍ଚଲୋ ଭବରେ ବାମ ପାଦ ୩୦ ସେ.ମି(୧୨ ଇ.) ର ଦୂରରେ ରଖାହେବ । ହାତ ପଛକୁ ଆଣି, ବାମ ପାପୁଲିକୁ ଡାହାଣ ପାପୁଲି ଉପରେ ରଖ, ହାତ ତଳକୁ ଟାଣ, କହୁଣି ସିଧା କାନ୍ଧ ପଛକୁ ଟାଣ । ଛାତି ଆଗକୁ ସିଧା ରଖିବ, ଶରୀରର ସମସ୍ତ ଓଜନ ଯେପରି ଦୁଇ ପାଦରେ ସମାନ ରୂପରେ ପଡ଼ିବ । ବେକ ସିଧା, ଦୃଷ୍ଟି ଆଗକୁ ।

ଧ୍ୟାତବ୍ୟ - ସୁସ୍ଥିତୋ ଭବର ସ୍ଥିତି ନିଶ୍ଚଲୋ ଭବଠୁ ଅଧିକ ଆରାମ ଦାୟକ, କିନ୍ତୁ ଏଠାରେ ଢିଲା ହେବାର ସ୍ଥାନ ନାହିଁ, ଏହି ସ୍ଥିତିରେ (ଚୁସ୍ତ)ତତ୍ପର ଏବଂ (ସନ୍ନିଧ) ଠିଆ ହେବା ଅପେକ୍ଷିତ

## ୩. ସ୍ୱସ୍ଥୋ ଭବ - ଶବ୍ଦାର୍ଥ : ସହଜ ହୋଇଯିବା ।

ସ୍ଥିତିର ବର୍ଣ୍ଣନା - ଏହି ଆଜ୍ଞା ସୁସ୍ଥିତୋ ଭବରେ ହିଁ ଦିଆଯାଏ । ଯେତେ ଖେଳ ଅଥବା ଅନ୍ୟ କୌଣସି କଥା ବର୍ଣ୍ଣନା ଦ୍ୱାରା ବୁଝାଇବାକୁ ହେଲେ ପୁରା ସମୟ ଶରୀରକୁ ଟାଣି କରି ରଖିବା ଠିକ୍ ହୁଏ ନାହିଁ । ଅତଃ ଏହି ଆଜ୍ଞା ଦିଆଯାଏ, ଏଠାରେ କାନ୍ଧ ଏବଂ କହୁଣିକୁ ଢିଲା ଛାଡ଼ି ଦିଆଯାଏ ।

ଶିଥିଳ ଭାବରେ ଠିଆ ହେବା, ବାକି ସ୍ଥିତିରେ 'ସୁସ୍ଥିତୋ ଭବ' ଭଳି ହୋଇଥାଏ ।

ଧ୍ୟାତବ୍ୟ - ପଛକୁ ବୁଲିବା, ହାତ ଖୋଲିବା ଅଥବା କଥାବାର୍ତ୍ତା କରିବା ଅପେକ୍ଷିତ ନୁହେଁ । ଧ୍ୟାନ ଏବଂ ତତ୍ପରତା ଶିକ୍ଷକଙ୍କ ସୂଚନା ଉପରେ ହିଁ କେନ୍ଦ୍ରିତ ହେବା ଆବଶ୍ୟକ, ଆବଶ୍ୟକତା ହେଲେ ଅଣ୍ଟାର ଉପର ଭାଗ ହଲେଇ ପାରିବ ।

## ୪. ଆସିନୋ ଭବ - ଶବ୍ଦାର୍ଥ : ବସି ଯିବା ।

**ସ୍ଥିତିର ବର୍ଣ୍ଣନା**- ଚକାମାଡ଼ି ଆରାମ ପୂର୍ବକ ବସିଯିବା, ମେରୁଦଣ୍ଡ ସିଧା ରଖ, ଦୁଇହାତକୁ ମୁଠାକରି ଆଣ୍ଠୁ ଉପରେ ରଖ କହୁଣି ମୋଡ଼ିବା ଅନୁଚିତ । ବେକ ସିଧା ଦୃଷ୍ଟି ସାମ୍ନା ଆଡ଼କୁ ।

ଧ୍ୟାତବ୍ୟ - ଏହି ଆଜ୍ଞା ଠିଆ କରି ହିଁ ଦିଆଯାଏ । ମେରୁଦଣ୍ଡ ସିଧା କିନ୍ତୁ ଟାଣିକରି ରଖିବା ନାହିଁ କାନ୍ଧ ମଧ୍ୟ ଟାଣି କରି ରଖିବା ନାହିଁ ।

## ୫. ଉତ୍ଥିତୋ ଭବ - ଶବ୍ଦାର୍ଥ : ଠିଆ ହୋଇଯାଅ ।

ସ୍ଥିତିର ବର୍ଣ୍ଣନା- ଆସିନୋ ଭବର ସ୍ଥିତିରୁ ଠିଆ ହେବାର ସ୍ଥିତି ପାଇଁ ଆଜ୍ଞା ଦିଆଯାଏ । ଆଜ୍ଞା ମିଳିଲା ପରେ ହାତର ବିନା ସାହାଯ୍ୟରେ ହଠାତ୍ ଠିଆ ହେବା, ଠିଆ ହେବାର ସ୍ଥିତି ନିଶ୍ଚଲୋ ଭବ ସ୍ଥିତି ସହିତ ସମାନ ହେବ ।

ଧ୍ୟାତବ୍ୟ- ବୌଦ୍ଧିକ ସତ୍ରରେ ଉଠି ଠିଆ ହେବା ସମୟରେ ଖାତା, ପେନ୍, ପଦାବଳୀ ଆଦି ଉଠାଇବ ନାହିଁ । 'ବିରତୋ ଭବ' ପରେ ହିଁ ସାମଗ୍ରୀ ଉଠାଇବ ।

**ଏକତ୍ରୀକରଣ ପାଇଁ ଆଜ୍ଞା -**

**ଖେଳ, ବ୍ୟାୟାମ, ଯୋଗାଭ୍ୟାସ,ସତ୍ର ଆଦି ବିଭିନ୍ନ ଗତିବିଧି ପାଇଁ ସହଭାଗୀମାନଙ୍କ ପାଇଁ ବିଶିଷ୍ଟ ରଚନା କରିବାକୁ ପଡ଼ିଥାଏ । ସେହି ରଚନା ପାଇଁ ନିମ୍ନ ନିର୍ଦ୍ଦିଷ୍ଟ ଆଜ୍ଞାର ପ୍ରୟୋଗ ହୋଇଥାଏ**

## ୬. ମଣ୍ଡଲଂ କୁରୁ - ଶବ୍ଦାର୍ଥ: ଗୋଲାକାର ରଚନା କର ।

**ରଚନା - ଶିକ୍ଷକ ଯେଉଁ ସ୍ଥାନରେ ଠିଆ ହୋଇ ଆଜ୍ଞା ଦିଅନ୍ତି, ତାକୁ କେନ୍ଦ୍ରବିନ୍ଦୁ ମାନି ସମସ୍ତ ସହଭାଗୀ ଗୋଲାକାରରେ ଠିଆ ହୁଅ । ଶିକ୍ଷକଠାରୁ ସମାନ ଦୁରରେ ଠିଆ ହୋଇ ମଣ୍ଡଳ ଠିକ୍ ଭାବରେ ବନାଇବା । ନିଜ ମଧ୍ୟରେ ଏକ ସମାନ ଦୁରତା ରଖିବ ।**

**ଧ୍ୟାତବ୍ୟ - ମଣ୍ଡଳ ଶୀଘ୍ରତାରେ ବନାଇବା ପାଇଁ କେବେକେବେ ଏକ, ଦୁଇ, ତିନି....ଏହି ପ୍ରକାର ଗଣନାର ପ୍ରୟୋଗ କରି ହେବ । କିନ୍ତୁ ଏହା ଅଭ୍ୟାସଗତ ନହେଉ, ହାତ ଧରି ମଣ୍ଡଳ ବନାଇବା ନାହିଁ ।**

## ୭. ଏକତ୍ର ଆଗମଂ କୁରୁ - ଶବ୍ଦାର୍ଥ : ଏକତ୍ର ଆସ ।

**ରଚନା - ପଙ୍କ୍ତି ଏବଂ ସ୍ତମ୍ଭବଦ୍ଧ ରଚନା ପାଇଁ ଏହି ଆଜ୍ଞାର ପ୍ରୟୋଗ ହୋଇଥାଏ ।**

**ସମସ୍ତ ସହଭାଗୀଙ୍କୁ ଖେଳ ପଡିଆ କିମ୍ବା କକ୍ଷର ପଛ ଭାଗକୁ ପଠାଇ ଦିଆଯାଏ ।**

୧. ଥରେ 'ନିଶ୍ଚଲୋ ଭବ' ଏବଂ 'ସୁସ୍ଥିତୋ ଭବ'ର ଆଜ୍ଞା ଦିଆଯାଏ । ରଚନାରେ ଯେତିକି ସ୍ତମ୍ଭ ବନାଇବାର ଅଛି ସେହି ସଂଖ୍ୟା ଅନୁସାରେ ଅଗ୍ରସର ଚୟନ ହେବ । ଶିକ୍ଷକ ବଡ଼ ପାଟିରେ କିଏ ଅଗ୍ରସର ନିର୍ଦ୍ଧାରିତ କରିବେ ।

୨. ଏହାପରେ ପୁଣି ଥରେ 'ନିଶ୍ଚଲୋ ଭବ' ଏବଂ 'ସୁସ୍ଥିତୋ ଭବ' ଆଜ୍ଞା ଦେବେ ।

୩. 'ସୁସ୍ଥିତୋ ଭବ'ର ସ୍ଥିତିରେ "ଅଗ୍ରସର !" ଏହି ଆଜ୍ଞା ଦେବେ । ନିର୍ଦ୍ଧାରିତ ଅଗ୍ରସର 'ନିଶ୍ଚଲୋ ଭବ'ର ଆଜ୍ଞାରେ ଆସି ବ୍ୟବସ୍ଥିତ ଭାବରେ ଚାଲି (ପ୍ରୟାଣଂ କୁରୁର ବର୍ଣ୍ଣନ ଅନୁସାରେ) ଶିକ୍ଷକ ପର୍ଯ୍ୟନ୍ତ ପହଞ୍ଚିବେ ।

୪. ଶିକ୍ଷକ ପାଦ ମାପି ସମାନ ଦୂରତାରେ ଅଗ୍ରସରଙ୍କୁ ଠିଆ କରାଇବେ । ଯେଉଁ ଅଗ୍ରସରର ସ୍ଥାନ ନିଶ୍ଚିତ ହୋଇଗଲା ସିଏ 'ସୁସ୍ଥିତୋ ଭବ'ରେ ଠିଆ ହେବେ ।

୫. ସମସ୍ତ ଅଗ୍ରସର ବ୍ୟବସ୍ଥିତ ଠିଆ ହେଲା ପରେ କେବଳ ଅଗ୍ରସର ପାଇଁ 'ନିଶ୍ଚଲୋ ଭବ' ଏବଂ 'ସୁସ୍ଥିତୋ ଭବ'ର ଆଜ୍ଞା କରାଯିବ ।

୬. ପୁନଃ ଗଣ ପାଇଁ 'ନିଶ୍ଚଲୋ ଭବ' ଏବଂ 'ସୁସ୍ଥିତୋ ଭବ'ର ଆଜ୍ଞା ଦିଆଯାଏ । ଆଜ୍ଞା ପୂର୍ବରୁ ଗଣ କହିବ, ଯାହାଦ୍ୱାରା ସମସ୍ତଙ୍କୁ କରିବାକୁ ହେବ । ଏହା ଧ୍ୟାନ ଆସିଯିବ ଏହି ସମୟରେ ଅଗ୍ରସର ମଧ୍ୟ ଆଜ୍ଞା ପାଳନ କରିବେ ।

୭. 'ସୁସ୍ଥିତୋ ଭବ'ର ସ୍ଥିତିରେ ଠିଆ ହୋଇଥିବା ଗଣଙ୍କୁ 'ଏକତ୍ରାଗମଂ କୁରୁ'ର ଆଜ୍ଞା ଦିଆଯିବ । ସମସ୍ତେ 'ନିଶ୍ଚଲୋ ଭବ'**ରେ ଆସି ପୁଣି 'ପ୍ରୟାଣଂ କୁରୁ' କରି ଅଗ୍ରସରର ପଛରେ ଏକହାତ ଦୂରରେ ଠିଆହେବା ଆରମ୍ଭ ହେବେ । 'ଏକତ୍ରାଗମଂ କୁରୁ'ଆଜ୍ଞା ହେଲା ପରେ ସମସ୍ତ ଅଗ୍ରସର 'ନିଶ୍ଚଲୋ ଭବ' ରେ ଆସିଯିବେ । ଅଗ୍ରସରର ପଛରେ ସହଭାଗୀ ପହଞ୍ଚି କାନ୍ଧ ଛୁଇଁଲା ପରେ ଅଗ୍ରସର 'ସୁସ୍ଥିତୋ ଭବ' କରିବେ । ତାପରେ ଏହି ପ୍ରକ୍ରିୟାରେ କ୍ରମଶଃ 'ସୁସ୍ଥିତୋ ଭବ'ରେ ରହିବେ ।**

**୮. ଗଣକୁ 'ନିଶ୍ଚଲୋ ଭବ'ର ଆଜ୍ଞା ଦିଅ । ତତ୍‌ପଶ୍ଚାତ୍ 'ସମତାମ୍ କୁରୁ'ର ଆଜ୍ଞାଦିଅ । ସମତା କରିବାପାଇଁ ପ୍ରତ୍ୟେକ ସହଭାଗୀ ନିଜର ବେକକୁ ଡାହାଣ ଆଡ଼କୁ ବୁଲାଇବେ ଯେପରି ନିଜଠୁ ତୃତୀୟ ସହଭାଗୀର କେବଳ ନାକ ଦେଖାଯିବ ।ଏହି ପ୍ରକାରର ଆଗପଛ**

**ହୋଇ ବ୍ୟବସ୍ଥିତ ଛିଡ଼ା ହେବେ । ସମତା ହୋଇସାରିଲା ପରେ**
**'ସୁସ୍ଥିତୋ ଭବ' - 'ସ୍ୱସ୍ତୋ** ଭବ' ଆଜ୍ଞା ଦିଅ ।

ଧ୍ୟାତବ୍ୟ - ସଂଖ୍ୟା ଅନୁପାତରେ ଅଗ୍ରସର ଯେମିତି ୨୦ ସଂଖ୍ୟାରେ ୪ ଅଗ୍ରସର ଏବଂ ପ୍ରତ୍ୟେକ ସ୍ତମ୍ଭରେ ୫-୫ ସହଭାଗୀ ଠିଆ ହେବେ । ସମସ୍ତ ସ୍ତମ୍ଭରେ ସମାନ ସଂଖ୍ୟା ଠିଆ ହେବେ, ଅଗ୍ରସର କମ୍ ଉଚ୍ଚ ହୋଇଥିବ ଏବଂ ସମସ୍ତଙ୍କଠୁ ଲମ୍ବା ବ୍ୟକ୍ତି ସମସ୍ତଙ୍କ ପଛରେ ଠିଆ ହେବେ ।ଏହି ରଚନା ବ୍ୟାୟାମ, ଯୋଗାଭ୍ୟାସ ଏବଂ ଅନ୍ୟ ଆଜ୍ଞା ଶିଖାଇବା ପାଇଁ ସମୟ ଉପଯୋଗୀ ହୋଇଥାଏ ।

## ୮. ଏକଶଃ ଏକତ୍ରାଗମଂ କୁରୁ

**ଶବ୍ଦାର୍ଥ - ଏକ ଧାଡ଼ିରେ ଏକତ୍ର ହେବା ।**

**ରଚନା - ଗଣଙ୍କୁ ଆଜ୍ଞା ଦେଲା ପରେ ସବୁଠୁ ଉଚ୍ଚ ବ୍ୟକ୍ତି ଦୌଡ଼ି କରି ଶିକ୍ଷକର ସାମ୍ନାରେ 'ନିଶ୍ଚଲୋ ଭବ'ରେ ତିନି ପାଦ ଦୂରରେ ଠିଆ ହେବେ । ପୂରା ଗଣ ଏହି ଅଗ୍ରସରର ବାମ ପାଖରେ ଏବଂ ଅଧା ଫୁଟ ଅନ୍ତରରେ ଠିଆ ହେବେ । ଅଗ୍ରସର ପାଖରେ ବ୍ୟକ୍ତି ଠିଆ ହେଲା ପରେ (କିମ୍ବା ଅଧା ହାତ ଛୁଇଁଲା ପରେ)ଅଗ୍ରସର 'ସୁସ୍ଥିତୋ ଭବ' ରେ ଆସିବେ । ଏହି ପ୍ରକାର କ୍ରମଶଃ ସମସ୍ତେ ଠିଆ ହେଲାପରେ 'ସୁସ୍ଥିତୋ ଭବ' କରିବେ ।**

**ଧ୍ୟାତବ୍ୟ - ଏହି ଆଜ୍ଞାର ପୂର୍ବରୁ ଗଣ 'ସୁସ୍ଥିତୋ ଭବ'ରେ ଠିଆ ହେବା ଆବଶ୍ୟକ । ଶିକ୍ଷକ ସ୍ୱୟଂ ଏହି ସ୍ଥାନରେ ଠିଆ ହୋଇ ନିଜର ଡାହାଣ ଅର୍ଥାତ୍ ତିନିପାଦ ଠିଆ ହେଲା ପରେ ଅଗ୍ରସରର**
**ବାମ ଏବଂ ପୁରା ଗଣ ଠିଆ ହେବା ପାଇଁ ଜାଗା ଉପଲବ୍ଧ କରାଇବ । ଅଗ୍ରସରକୁ ଡାକି ବାକି ସମସ୍ତେ ନିଜର ଡାହାଣ ହାତକୁ ଅଣ୍ଟା ଉପରେ ରଖି କହୁଣିର ଡାହାଣ ପାର୍ଶ୍ୱରେ ଥିବା ବ୍ୟକ୍ତିକୁ ସ୍ପର୍ଶ କରାଇ ଅଧା ହାତ ଦୂରତା ନିଶ୍ଚିତ କରିବେ ।**

## ୯.ଦ୍ୱିଶଃ ଏକତ୍ର ଆଗମଂ କୁରୁ

ଶବ୍ଦାର୍ଥ - ଦୁଇ ପଙ୍କ୍ତିରେ ଠିଆ ହୁଅ ।

ରଚନା - ପୁରା ରଚନା 'ଏକଶଃ ଏକତ୍ର ଆଗମଂକୁରୁ'ସହିତ ସମାନ ହେବ । କେବଳ ଅଗ୍ରସରକୁ ଛାଡ଼ି ବାକି ସମସ୍ତେ ପଛରେ ଦୁଇପାଦ ଦୂରରେ ଗୋଟିଏ-ଗୋଟିଏ ବ୍ୟକ୍ତି ଠିଆ ହୁଏ । ସମସ୍ତଙ୍କୁ ଆଗ ଏବଂ ଡାହାଣ ପାର୍ଶ୍ୱରେ ସମତା ଦେଖିବାକୁ ହୁଏ ।

ଧାତବ୍ୟ - ଗଣଙ୍କ ସଂଖ୍ୟା ସମାନ ହେବା ପରେ ଡାହାଣ ଏବଂ ଅନ୍ତିମ ବ୍ୟକ୍ତି ବାମାଗ୍ରସର ହେଇଥାଏ । ଯେପରି ୨୨ର ପୁରା ଗଣରେ ଗୋଟିଏ ଅଗ୍ରସର, ୧୦ ଜଣବ୍ୟକ୍ତି , ଜଣ ଜଣଙ୍କ ପଛରେ ଏହି ରଚନାରେ ତଥା ଏକ ବାମାଗ୍ରସର ହେବ । ଅଧା ହାତ ଦୂର 'ସୁସ୍ଥିତୋ ଭବ' ଆଦି ଆଜ୍ଞା ଏକଶଃ ଯେପରି ହେବ ।

## ୧୦. ସମତାଂ କୁରୁ

ଶବ୍ଦାର୍ଥ - ରଚନା ଠିକ୍ କର । ରଚନା - ଏହି ଆଜ୍ଞା 'ନିଶ୍ଚଲୋ ଭବ'ରେ ଦିଆଯିବ ।ଯଦି ମଣ୍ଡଳରେ 'ସମତାଂକୁରୁ' ର ଆଜ୍ଞା ଦିଆଯାଏ । ତେବେ ଶିକ୍ଷକ କେନ୍ଦ୍ରବିନ୍ଦୁଠାରେ ଠିଆ ହେଇଥିବେ ସମସ୍ତ ସହଭାଗୀ ଶିକ୍ଷକ ଠାରୁ ସମାନ ଦୂରତାରେ ରହିବେ । ଯାହାଦ୍ୱାରା ମଣ୍ଡଳ ବ୍ୟବସ୍ଥିତ ହେବ । ଏକଶଃ ଅଥବା ଦ୍ୱିଶଃ 'ଏକତ୍ରାଗମଂ'ର ସ୍ଥିତିରେ ଆଜ୍ଞା ମିଳିବା ପରେ ଅଗ୍ରସରକୁ ଛାଡ଼ି ଅନ୍ୟ ସମସ୍ତେ ନିଜ ବେକର ଡାହାଣ ଆଡ଼େ ବୁଲି ଆବଶ୍ୟକ ଅନୁସାରେ ଆଗକୁ କିମ୍ବା ପଛକୁ ଯାଇ ଧାଡ଼ି ଠିକ୍ କରିବେ ।

ନିଜ ମଧ୍ୟରେ ଦୂରତା ଠିକ୍ କରିବା ପାଇଁ ନିଜ ଅଣ୍ଟାରେ ହାତ ରଖି ଅର୍ଦ୍ଧହସ୍ତାନ୍ତର ନିଅ । ପୂର୍ବ କାର୍ଯ୍ୟକ୍ରମ ଦ୍ରୁତଗତିରେ ହେବ । ଧାଡ଼ି ଠିକ୍ ହେଲା ପରେ ପୁନଶ୍ଚ ଆଗକୁ ଦେଖ ।

ଧ୍ୟାତବ୍ୟ - ଆଜ୍ଞାର ଅଭ୍ୟାସ ଖେଳ, ଯୋଗ,ବ୍ୟାୟାମ ଆଦି କୌଣସି କାରଣରୁ ରଚନା ଅସ୍ତ-ବ୍ୟସ୍ତ ହେଲା ପରେ ଏହି ଆଜ୍ଞା ଦିଆଯାଏ । ଏକତ୍ରୀକରଣ ଆଜ୍ଞା ପରେ ତୁରନ୍ତ ସମତା ଦେଖିବାର ଆବଶ୍ୟକତା ନ ହେବା ଦରକାର ।

## ଗଣର ସ୍ଥାନ ଅଳ୍ପ ବଦଳିବା ପାଇଁ ଆଜ୍ଞା -

୧୧.ପୂର ସରଣଂ କୁରୁ - ଶବ୍ଦାର୍ଥ : ଆଗକୁ ବଢ଼ ।

୧୨. ପ୍ରତି ସରଣଂ କୁରୁ - ପଛକୁ ଯାଅ ।

୧୩. ଦକ୍ଷିଣ ସରଣଂ କୁରୁ - ଡାହାଣକୁ ଯାଅ ।

୧୪. ବାମ ସରଣଂ କୁରୁ - ବାମକୁ ଯାଅ ।

**କ୍ରିୟା** - ସରଣଂର ଆଜ୍ଞାରେ ପାଦର ସଂଖ୍ୟା ଆବଶ୍ୟକ ହୋଇଥାଏ । ପଦ ଏକମ୍ - ଏକପାଦ, ପଦ ଦ୍ୱୟଂ - ଦୁଇପାଦ, ପଦତ୍ରୟଂ - ତିନି ପାଦ, ପଦ ଚତୁଷ୍କମ୍ - ଚାରି ପାଦ । ଏହାଠାରୁ ଅଧିକ ଯିବାପାଇଁ ଦୁଇଥର ଆଜ୍ଞା ଦିଆଯାଏ । 'ପୁର ସରଣଂ'ରେ ପ୍ରଥମେ ବାମ ପାଦ ପ୍ରାୟତଃ ୭୫ସେ.ମି ଆଗକୁ ବଢ଼ାଅ, ତାପରେ ଡାହାଣ ପାଦ ଯେତିକି ପାଦ ଆଗକୁ ବଢ଼ାଇବାର ଆଜ୍ଞା ଦିଆଯାଏ ସେତିକି କ୍ରମାଙ୍କ ଆଗକୁ ବଢ଼ ଏବଂ ତାପର କ୍ରମାଙ୍କ ପାଇଁ ପାଦ ମିଶାଅ, ଯେପରି 'ପଦତ୍ରୟଂ ପୁର ସରଣଂକୁରୁ' ରେ ଏକ କ୍ରମାଙ୍କରେ ବାମ ପାଦ ଦୁଇରେ ଡାହାଣ ପାଦ ଆଗକୁ, ତିନିରେ ବାମ ପାଦଆଗକୁ ଏବଂ ଚାରିରେ ପାଦ ମିଶାଇବ । 'ପ୍ରତି ସରଣଂ'ରେ ଏହି କ୍ରିୟା ପଛକୁ ହେବ, ପଛକୁ ଯିବା ସମୟରେ ଦୃଷ୍ଟି ଆଗକୁ ହେବ । 'ଦକ୍ଷିଣ ସରଣଂ' ଏବଂ 'ବାମ ସରଣଂ'ରେ କ୍ରମାଙ୍କ ଏକ-ଦୁଇ, ଏକ-ଦୁଇ ହେବ । 'ଦକ୍ଷିଣ ସରଣଂ'ରେ ଏକରେ ଡାହାଣ ପାଦ ୩୦ ସେ.ମି. ଡାହାଣକୁ ରଖ, ଦୁଇରେ ବାମ ପାଦ ଡାହାଣ ପାଦ ସହ ମିଶାଅ । ଯେତିକି ପାଦ ଆଜ୍ଞା ହେବ, ସେତିକି ପାଦ କ୍ରିୟା ହେବ । 'ବାମ ସରଣଂ'ରେ ଏହି କ୍ରିୟା ବାମକୁ ହେବ ।

ଧ୍ୟାତବ୍ୟ - ସମସ୍ତଙ୍କ ପାଦ ସମାନ ଦୂରରେ ହେଲେ 'ସମତାଂ କୁରୁ' କରିବାକୁ ପଡ଼ିବ ନାହିଁ ।

'ସରଣଂ'ରେ ହାତ ହଲିବ ନାହିଁ । 'ନିଶ୍ଚଲୋ ଭବ' ସ୍ଥିତିରେ ରହିବ ।

# ଗଣନା ଏବଂ ଗଣ ବିଭାଜନର ଆଜ୍ଞା

## ୧୫. ଗଣନଂ କୁରୁ - ଗଣନା କର

କ୍ରିୟା - ଆଜ୍ଞା ମିଳିଲା ପରେ ଅଗ୍ରସରଠାରୁ ପ୍ରାରମ୍ଭ କରି ବାମ ଏବଂ କ୍ରମଶଃ ଗଣନା କରାଯାଏ 'ନିଶ୍ଚଲୋ ଭବ' ର ସ୍ଥିତିରେ ରହିବାକୁ ହୁଏ । ସ୍ୱର ଉଚ୍ଚ ଏବଂ ସଂଖ୍ୟା ତୀକ୍ଷ୍ଣତାରେ କୁହାଯାଏ ଲମ୍ବା କିମ୍ବା ଦୀର୍ଘ ହେବ ନାହିଁ । ଯଦି କେଉଁଠାରେ ଅସାବଧାନତା ଯୋଗୁଁ ସଂଖ୍ୟା ଭୁଲ୍ ହୋଇ ଯାଏ, ତେବେ ପୁନଃ ଆଜ୍ଞା ଦିଅ । ଅଗ୍ରସର ପୁଣି ଥରେ ପ୍ରାରମ୍ଭ କରିବ ।

ଧ୍ୟାତବ୍ୟ - ମଣ୍ଡଳ ରଚନାର ଆଜ୍ଞା ଦେଲାପରେ ପ୍ରଥମେ ସ୍ପଷ୍ଟ କରିଦିଅ ଯେ, ଗଣନା କେଉଁ  ବ୍ୟକ୍ତି ପ୍ରାରମ୍ଭ କରିବ । ସମସ୍ତେ ଯେଉଁ ଭାଷା ଜାଣନ୍ତି, ସେହି ଭାଷାରେ ଗଣନା କର ।

## ୧୬. ଦ୍ୱିକ୍ ଗଣନଂ କୁରୁ - ଦୁଇ ଭାଗରେ ଗଣନା କର

କ୍ରିୟା - ଅଗ୍ରସର ପ୍ରାରମ୍ଭ କରି ଏକ-ଦୁଇ, ଏକ-ଦୁଇ ଏହି ପ୍ରକାର ଗଣନା ହେବ । ଶରୀରର  ସ୍ଥିତି 'ଗଣନଂ କୁରୁ' ସହିତ ସମାନ ହେବ । ସମସ୍ତଙ୍କୁ ନିଜର କ୍ରମାଙ୍କ ମନେ ରଖିବାକୁ ହେବ ।

ଧ୍ୟାତବ୍ୟ - ମଣ୍ଡଳରେ ଏହି ଆଜ୍ଞା ଦେବା ପୂର୍ବରୁ ସ୍ପଷ୍ଟ କରି ଦିଆଯିବ ଯେ, କେଉଁଠାରୁ ପ୍ରାରମ୍ଭ ହେବ ।

## ୧୭.ତତିଦ୍ୱୟଂ କୁର - ଦୁଇଧାଡ଼ିରେ ବିଭାଜିତ କର

କ୍ରିୟା - ଏହି ଆଜ୍ଞା 'ଦ୍ୱିକ୍ ଗଣନଂ' ପରେ ହିଁ ଦିଆ ଯାଇଥାଏ । 'ଦ୍ୱିକ୍ ଗଣନଂ' ଆଜ୍ଞାର ଉଦ୍ଦେଶ୍ୟ ହିଁ ଗଣକୁ ଦୁଇ ସମାନ ଭାଗରେ ବିଭାଜିତ କରିବାକୁ ହେବ । ଟିମ୍ ସ୍ପର୍ଧାର ସମସ୍ତ ଖେଳରେ ଅନିବାର୍ଯ୍ୟ ହୋଇଥାଏ । ଆଜ୍ଞାର ପରେ ଏକ କ୍ରମାଙ୍କ ପାଇଁ ଠିଆ ହୋଇଥିବା ପ୍ରତ୍ୟେକଖେଳାଳୀ ବାମ ପାଦରେ ପ୍ରାରମ୍ଭ ହୋଇ ଦୁଇ ପାଦ ଆଗକୁ ବଢ଼ିବ । ଆଜ୍ଞା ଦେବାବାଲା ଶିକ୍ଷକ ଏହି ହେତୁ ତିନି

ଆଜ୍ଞାର ଗଣନାର ଆଜ୍ଞା ଦେଇଥାଏ । ଏକରେ ବାମପାଦ, ଦୁଇରେ ଡ଼ାହାଣପାଦ ଆଗକୁ ବଢ଼ାଇବା ଏବଂ ତିନିରେ ବାମପାଦ ଡ଼ାହାଣପାଦରେ ମିଶାଇବାକୁ ହେବ

ଧ୍ୟାତବ୍ୟ - ପାଦର ମାପ ପ୍ରାୟତଃ ୭୫ ସେ.ମି.ର ହେବ । ସମସ୍ତେ ଏକ ସମାନ ପାଦ ପକାଇବେ ପୂର୍ଣ୍ଣ ଧାଡ଼ି ଏକା ସାଙ୍ଗରେ ବଢ଼ିବ ।

## ୧୮. ତ୍ରିକ୍, ଚତୁଷ୍କ ଗଣନଂ କୁରୁ - ତିନି, ଚାରି ଭାବରେ ଗଣନା କରିବା

କ୍ରିୟା - କିଛି ଖେଳ ବା ସଂସ୍କାର ବର୍ଗ, ଯୋଗବର୍ଗର ରଚନାରେ ପୂରା ତିନି କିମ୍ବା ଚାରି ସମାନ ଭାଗରେ ବାଣ୍ଟି ହୁଏ । ଯେତେବେଳେ ତିନି ଧାଡ଼ି ପାଇଁ ବାଣ୍ଟିବା 'ତ୍ରିକ୍ ଗଣନଂ' ତଥା ଚାରି ଧାଡ଼ିରେ ବାଣ୍ଟିବା ପାଇଁ 'ଚତୁଷ୍କ ଗଣନଂକୁରୁ'ର ଆଜ୍ଞାର ପ୍ରୟୋଗ ହୋଇଥାଏ । ତ୍ରିକ୍ ଗଣନଂ ରେ ଅଗ୍ରସରରୁ ଆରମ୍ଭ କରି ଏକ-ଦୁଇ-ତିନି ଏହି ପ୍ରକାର ଗଣନା କରିହୁଏ । ଚତୁଷ୍କ ଗଣନଂରେ ଏକ-ଦୁଇ-ତିନି-ଚାରି ଏହି ପ୍ରକାର ଗଣନା କରାଯାଏ ।

ଧ୍ୟାତବ୍ୟ - ମଣ୍ଡଳରେ ଏହି ଆଜ୍ଞା ଦିଆଯାଏ ନାହିଁ ।

## ୧୯. ତତିତ୍ରୟଂ କୁରୁ - ତିନିଟା ଧାଡ଼ି କରିବା

କ୍ରିୟା - ଏହି ଆଜ୍ଞା 'ତ୍ରିକ୍ ଗଣନଂ କୁରୁ'ର ତୁରନ୍ତ ପରେ ଦିଆଯାଏ । ଆଜ୍ଞା ମିଳିବା ପରେ ଏକ କ୍ରମାଙ୍କ ଦୁଇ ପାଦ ଆଗକୁ ବଢ଼ିବ, ଦୁଇ କ୍ରମାଙ୍କ ନିଜ ସ୍ଥାନରେ, ତିନି କ୍ରମାଙ୍କ ବାମ ପାଦରୁ ଆରମ୍ଭ କରି ଦୁଇ ପାଦ ପଛକୁ ଯିବ । ଶିକ୍ଷକ ତିନି ଅଙ୍କ ଦେବ ଯାହାଦ୍ୱାରା ସମସ୍ତ କ୍ରିୟା ଏକା ସାଙ୍ଗରେ ହେବ ।

## ୨୦. ତତି ଚତୁଷ୍କଂ କୁରୁ - ଚାରିଟା ଧାଡ଼ି କରିବା

କ୍ରିୟା - ଏହି ଆଜ୍ଞା 'ଚତୁଷ୍କ ଗଣନଂ କୁରୁ'ର ପରେ ହିଁ ଦିଆଯାଏ । ତିନି କ୍ରମାଙ୍କ

ତତିତ୍ରୟଂ ର ଅନୁସାରେ କ୍ରିୟା କରିବେ । ଚାରି କ୍ରମାଙ୍କରେ ଠିଆ ହୋଇଥିବା ଖେଳାଳୀ ବା ବ୍ୟକ୍ତି ଚାରି ପାଦ ଆଗକୁ ବଢ଼ିବେ । ଏହି ପ୍ରକାର ଦୁଇ-ଦୁଇ ପାଦର ଦୂରରେ ଚାରି ଧାଡ଼ି ତିଆର ହେବ । ଶିକ୍ଷକ ପାଞ୍ଚ ପର୍ଯ୍ୟନ୍ତ ଗଣନ କରିବ । ଏକ ଏବଂ ତିନି କ୍ରମାଙ୍କ ତିନିରେ ପାଦ ତଥା ଚାରି କ୍ରମାଙ୍କ ପାଞ୍ଚରେ ପାଦ ମିଶାଇବେ ।

## ୨୧. ତତି ଏକଂ କୁରୁ - ଏକ ଧାଡ଼ି କରିବା

କ୍ରିୟା - ଦୁଇ,ତିନି, ଚାରି ଧାଡ଼ିକୁ ପୁନଃ ଏକ ଧାଡ଼ିରେ ଗଣକୁ ଠିଆ କରିବାକୁ ହେଲେ, ଏହି ଆଜ୍ଞା ଦିଆ ଯାଇଥାଏ । ଧାଡ଼ି କରିବା ସମୟରେ ଯେଉଁ କ୍ରମାଙ୍କ ଯେଉଁଠାରୁ ଚାଲିଥିଲେ, ତାର ବିପରୀତ କ୍ରିୟା କରିବେ । ଅର୍ଥାତ୍ ଦୁଇ କ୍ରମାଙ୍କ ନିଜ ଧାଡ଼ିରେ ରହିବେ । ତିନି କ୍ରମାଙ୍କ ଦୁଇ ପାଦ ଆଗକୁ ବଢ଼ିବେ, ଏକ କ୍ରମାଙ୍କ ଦୁଇ ପାଦ ପଛକୁ , ଚାରି କ୍ରମାଙ୍କ ଚାରି ପାଦ ପଛକୁ ଯିବ ପାଦ ପ୍ରାୟତଃ୭୫ ସେ.ମି.ରେ ରହିବ । ପ୍ରଥମେ ବାମପାଦ ଦ୍ୱାରା ଆଗକୁ ପଛକୁ ନିଆଯାଇଥାଏ ଦୁଇ କିମ୍ବା ତିନି ଧାଡ଼ିକୁ ଏକ କରିବା ସମୟରେ ତିନି ତଥା ଚାରି ଧାଡ଼ିକୁ ଏକ କରୁିେ ସମୟରେ ପାଞ୍ଚ ପର୍ଯ୍ୟନ୍ତ ଗଣନା କରାଯାଏ ।

ଧ୍ୟାତବ୍ୟ - ପଛକୁ ଯାଇଥିବା ଖେଳାଳୀ ବା ବ୍ୟକ୍ତି ଧ୍ୟାନ ପୂର୍ବକ ସରଳ ରେଖାରେ ପଛକୁ ଯାଏ ଅନ୍ୟଥା ବାଙ୍କେଇ ହେବାର ସ୍ଥିତି ସୃଷ୍ଟି ହୋଇଥାଏ । ମଣ୍ଡଳ ରଚନାରେ ଏହା ପ୍ରୟୋଗ ହୋଇ ନ ଥାଏ ।

## ବୁଲିବା ପାଇଁ ଆଜ୍ଞା-

## ୨୨.ଦକ୍ଷିଣ ବଳନଂ କୁରୁ - ଡାହାଣକୁ ବୁଲିବା

କ୍ରିୟା- ପ୍ରଶିକ୍ଷଣ ସମୟରେ ଏକ୍-ଦୋ, ଏକ୍-ଦୋ ଏହି ପ୍ରକାର ଆଜ୍ଞା ଦିଆଯାଏ । ଏକ କ୍ରମାଙ୍କ ପରେ ଡାହାଣ ଗୋଇଠି ତଥା ବାମ ପାଦ ପଞ୍ଝାକୁ ଲଗାଇ ଗୋଇଠି ଉପରକୁ ଉଠାଇ ରଖିବେ । ଦୁଇ କ୍ରମାଙ୍କ ଦେଲାପରେ ବାମପାଦକୁ ବାଙ୍କେଇ କରି ଡାହାଣ ପାଦ ସହ ମିଶାଇ ଦେବେ ।

## ୨୩. ବାମ ବଳନଂ କୁରୁ - ବାମକୁ ବୁଲିବା

କ୍ରିୟା - ବାମ ପାଦର ଗୋଇଠି ଏବଂ ଡାହାଣ ପାଦର ପଞ୍ଝାର ଆଧାର ଅନୁସାରେ ହୁଏ । ବିନା ହାତ ହଲେଇ ୯୦° ଆଗକୁ ବାମକୁ ବୁଲିବେ ।

## ୨୪. ଅର୍ଦ୍ଧ ବଳନଂ କୁରୁ - ପଛକୁ ବୁଲିବା

କ୍ରିୟା - ଦକ୍ଷିଣ ବଳନଂ ର ସମାନରେ ଡାହାଣ ପାଖରୁ ୧୮୦° ପଛକୁ ବୁଲିବା । ତାପରେ ବାମ ପାଦ ମିଶାଇବେ, ସନ୍ତୁଳନ ଠିକ୍ ରୂପେ । ପାଦ କଇଁଚି ପରି ହୋଇଥାଏ ।

## ୨୫.ଦକ୍ଷିଣାର୍ଦ୍ଧ, ବାମାର୍ଦ୍ଧ ବଳନଂ କୁରୁ - ଡାହାଣ କିମ୍ବା ବାମକୁ ଅଧା ବୁଲିବା

କ୍ରିୟା - ଦକ୍ଷିଣ କିମ୍ବା ବାମ ବଳନଂ ସହିତ ସମାନ କିନ୍ତୁ ୪୫° ବୁଲିବେ ତେଢ଼ା ରଚନା ପାଇଁ ଉପଯୋଗୀ ହେଇଥାଏ ।

## ଆଗକୁ ଚାଲିବା, ଦୌଡ଼ିବା ପାଇଁ ଅଭ୍ୟାସ ହେତୁ ଆଜ୍ଞା -

## ୨୬. ପଦକ୍ଷେପଂ କୁରୁ - କଦମ୍ ତାଲ

## ୨୭. ପ୍ରୟାଣଂ କୁରୁ - ଚାଲିବା

## ୨୮. ଶୀଘ୍ର ପ୍ରୟାଣଂ କୁରୁ - ଦୌଡ଼ିବା

## ସଂସ୍କାର ବର୍ଗରେ କାହାଣୀ -

କୁହାଯାଏ ଯେ, ଯିଏ ଯେପରି ଭାବେ ସେ ସେହିପରି ହୋଇଯାଏ, ଅର୍ଥାତ୍ ମନୁଷ୍ୟର ବ୍ୟକ୍ତିତ୍ୱ ତାର ମନରେ ଉଠୁଥିବା ବିଚାର ଅନୁସାରେହିଁ ନିର୍ଦ୍ଧାରିତ ହୋଇଥାଏ । ଯଦି ବିଚାର ସାତ୍ତ୍ୱିକ ଏବଂ ସ୍ୱଷ୍ଟ ହୋଇଥାଏ, ତେବେ ବ୍ୟକ୍ତିତ୍ୱ

ସନ୍ତୁଳିତ ହେବ ଏବଂ ଏହା କେବଳ ନିଜ ଜୀବନର ସଂପୂର୍ଣ୍ଣ ଆନନ୍ଦ ନେଇ ପାରିବ ଅଥବା ଅନ୍ୟ ମନୁଷ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ।

କଠିନ ଏବଂ ବିପରୀତ ପରିସ୍ଥିତିରେ ଏକ ବ୍ୟକ୍ତି ହାତ ଉପରେ ହାତ ଧରି ଭାଗ୍ୟକୁ ଗାଳି କରୁଥିବା ବେଳେ ଅନ୍ୟ ଏକ ବ୍ୟକ୍ତି ଏହି ପରିସ୍ଥିତିକୁ ଆହ୍ୱାନ ଭାବେ ସ୍ୱୀକାର କରି ତାହାର ମୁକାବିଲା କରିବା ପାଇଁ ନିଜକୁ ପ୍ରସ୍ତୁତ କରିଥାଏ । ଦୁଇ ଜଣଙ୍କ ମଧ୍ୟରେ ଅନ୍ତର କେବଳ ଚିନ୍ତାଧାରା, ବିଚାର ଶକ୍ତି, ବିଚାରର ଉଦ୍ଗମ ସ୍ଥାନ ମନରେ ବିଦ୍ୟମାନ ଭାବ । ଯଦି ବ୍ୟକ୍ତିରେ ଦୟାଏବଂ ପରୋପକାରର ଭାବ ଅଛି ତ ତଳକୁ ପଡ଼ି ଯାଉଥିବା ବ୍ୟକ୍ତିକୁ ଦେଖି ଉପହାସ ନ କରି ତୁରନ୍ତ ତାକୁ ଉଠାଇବା ପାଇଁ ତତ୍ପର ହେବ ।

ବହୁଧା ଦେଶରେ ବିଦ୍ୟମାନ ପରମ୍ପରା ଆତ୍ମୀୟ ହୋଇଥାଏ, ପରନ୍ତୁ ଦୁଷିତ ପର୍ଯ୍ୟାବରଣ ଭୂତଳ ଜଳସ୍ତର, ନୂଆ ପିଢ଼ିରେ ବିଦେଶୀ ସଂସ୍କୃତିର ସଂକ୍ରମଣ ଯେପରି ବିବିଧ ସମସ୍ୟାର ନିବାରଣରେ ସରକାର କିମ୍ବା ପରିସ୍ଥିତି ଉପରେ ଦୋଷ ଦେଇ ନିଜ କର୍ତ୍ତବ୍ୟରୁ ନିବୃତ ହୋଇଯାନ୍ତି ଦେଶଭକ୍ତିର ଭାବନାରେ ଓତଃପ୍ରୋତଃ ବ୍ୟକ୍ତି ହିଁ କେବଳ ସମସ୍ୟା ପ୍ରତି ଜାଗ୍ରତ ଥାଇ ଦେଶଭକ୍ତ ହେବାର ପ୍ରମାଣ ଦେଇଥାଏ ଏବଂ ଏହାର ମୁକାବିଲା କରିବା ପାଇଁ କିପରି ସାହାଯ୍ୟ କରି ପାରିବି ତାହାର ପ୍ରମାଣ ଦେଇଥାଏ । ଏହାହିଁ ବିଚାରର ସ୍ୱଷ୍ଟତା ଏବଂ ଦୃଢ଼ତା । ଏହି ଦୃଢ଼ତା ବାଲ୍ୟକାଳରେ ପ୍ରାପ୍ତ ସଂସ୍କାର ଦ୍ୱାରା ଆସିଥାଏ । ବାଲ୍ୟକାଳରେ ସାତ୍ତ୍ୱିକ ଭାବ ଯେପରି ଦେଶପ୍ରେମ, ପରୋପକାର, ସ୍ୱାଭିମାନ, ଦୟା, ତ୍ୟାଗ, ସାହସ ଆଦିର ପ୍ରଭାବ ବାଲ୍ୟକାଳରେ ମନ ଉପରେ ଯେତିକି ହେବ ତାହାର ବ୍ୟକ୍ତିତ୍ୱ ସେତିକି ପରିପୂର୍ଣ୍ଣ ହେବ । ସଂସ୍କାର ବର୍ଗରେ ବାଳକମାନଙ୍କ ଭାବାତ୍ମକ, ବିଚାରାତ୍ମକ ପକ୍ଷକୁ ଦୃଢ଼ ତଥା ଚରିତ୍ରବାନ୍ ବନାଇବା ପାଇଁ ସଶକ୍ତ ମାଧ୍ୟମ କାହାଣୀ ଅଟେ । ବିଚାରକୁ ଜାଗ୍ରତ କରିବା ପାଇଁ ଉଦାର ଶାଶ୍ୱତ ମୂଲ୍ୟର ଉଭାବନା ତଥା ତାର ପରିକଳ୍ପନା ପାଇଁ କାହାଣୀ କୁହାଯାଏ । କାହାଣୀ ଶୁଣିଲା ବେଳେ ବାଳକ ସ୍ୱୟଂ ତାର ସମ୍ବେଦନଶୀଳତାର ଉପଯୋଗ କରିଥାଏ ଏବଂ ସ୍ୱୟଂ ନିଜ ମନରେ ଏକ ଚିତ୍ରର ନିର୍ମାଣ କରିଥାଏ । କାହାଣୀରେ ବିଦ୍ୟମାନ ଚରିତ୍ର, ସେମାନଙ୍କର ସ୍ୱଭାବ ତଥା ବିଭିନ୍ନ ପରିସ୍ଥିତି ତଥା ତାଙ୍କ

ଦ୍ୱାରା ନିଆ ଯାଇଥିବା ନିର୍ଣ୍ଣୟ ଆଦି ଦ୍ୱାରା ବାଳକ ସ୍ୱୟଂ ହିଁ ଠିକ୍ ଅଥବା ଭୁଲ୍‌ର ବିଶ୍ଳେଷଣ କରିଥାଏ । କାର୍ଯ୍ୟ ଏବଂ ନୈତିକ ମୂଲ୍ୟର ସିଧା-ସିଧା ଆରୋପିତ କରିବା ବା କହିବାର ଆବଶ୍ୟକତା ନ ଥାଏ । ବାଳକ ସେହି ଚରିତ୍ର ଏବଂ ଘଟଣା ଗୁଡ଼ିକ ଭିତରେ ସେ ସ୍ୱୟଂ ହିଁ ଗ୍ରହଣ କରିଥାଏ, ଏହି ପ୍ରକାର କାହାଣୀ କେବଳ ଉପଦେଶ ନ ହୋଇ ଜୀବନ ମୂଲ୍ୟକୁ ବୁଝାଇବା ପାଇଁ ସ୍ୱତଃ ସଂପୂର୍ଣ୍ଣ ମାଧ୍ୟମ ହୋଇଯାଏ ।

କାହାଣୀର ସବୁଠାରୁ ଅଧିକ ଆବଶ୍ୟକ ଗୁଣ ହିଁ ତାର ରୋଚକତା, ଯଦି ଶ୍ରୋତା କାହାଣୀରେ ମଜ୍ଜିଯାଏ, ତା ହେଲେ କହୁଥିବା ବ୍ୟକ୍ତି ନିଜର ଉଦ୍ଦେଶ୍ୟରେ ସଫଳ ହୋଇଥାଏ

କିଛି ମହତ୍ୱପୂର୍ଣ୍ଣ ବିନ୍ଦୁଗୁଡ଼ିକୁ ଧ୍ୟାନରେ ରଖି କାହାଣୀ କୁହାଗଲେ ଅଧିକ ପ୍ରଭାବଶାଳୀ ଏବଂ ରୋଚକ ଜଣାପଡ଼େ ।

କାହାଣୀ କହୁଥିବା ବ୍ୟକ୍ତିର ପୂରା କାହାଣୀର ଜ୍ଞାନ ହେବା ଆବଶ୍ୟକ । ତାର ଚରିତ୍ର ବା ପାତ୍ର ବିଷୟରେ ଜ୍ଞାନ ହେବା ଜରୁରୀ ଅଟେ । ଯେପରି ହନୁମାନଙ୍କ ଦ୍ୱାରା ସମୁଦ୍ର ଲଙ୍ଘିବା ଘଟଣାର କାହାଣୀ କହିଲା ସମୟରେ, ହନୁମାନ କାହାର ପୁତ୍ର ଥିଲେ, ବାଲ୍ୟକାଳରେ ଘଟଣା ଦ୍ୱାରା ସୂର୍ଯ୍ୟଙ୍କୁ ମୁହଁରେ ରଖିବା ଘଟଣା ଆଦି ।

ସଂସ୍କାର ବର୍ଗରେ କାହାଣୀ କହିବା ସବୁଠୁ ମହତ୍ୱପୂର୍ଣ୍ଣ ବିନ୍ଦୁ ହେଉଛି ବିଷୟର ଏକତ୍ୱ ଭାବ । ଯଦି ଏକତ୍ୱ କେଉଁ କ୍ଷେତ୍ରରେ ବି ହୋଇପାରେ । ଯେପରି ବୀରତା, ସ୍ୱାଭିମାନ, ଚରିତ୍ର ଏବଂ ଘଟଣା ଆଦି ।

ଯଦ୍ୟପି ଗୋଟିଏ କାହାଣୀରେ ଶ୍ରୋତା ବିଭିନ୍ନ ପ୍ରକାର ଭାବ ଏବଂ ବିଚାର କରିଥାଏ ତଥାପି କାହାଣୀରେ ଏକ ପ୍ରଧାନ ଉଦ୍ଦେଶ୍ୟ ବା ବିଷୟ ହେଉଛି, କେଉଁଠି ସମସ୍ତ ତତ୍ତ୍ୱ ଏକ ହୋଇଯାଏ ଅର୍ଥାତ୍ କାହାଣୀ ଦ୍ୱାରା କେଉଁ ଭାବ ଘୋଷିତ କରାଯିବ ତାହାର ଜ୍ଞାନ କାହାଣୀ କହିବା ବାଲା ହିଁ ଜାଣିଥାଏ ।

ଯଥା ଝାନ୍ସୀର ରାଣୀର କାହାଣୀରେ ବାଲ୍ୟକାଳରେ ହିଁ ବୀରତାର ଭାବ ବିଦ୍ୟମାନ ହୋଇଥାଏ । କଣ୍ଢେଇ ଖେଳ ସ୍ଥାନରେ ତାଙ୍କର ଘୋଡ଼ା ଚଢ଼ିବା, ଖଣ୍ଡାଯୁଦ୍ଧ ଆଦି ଶିଖିବା । ସ୍ୱାଭିମାନୀ ହେବା, ବିବାହ ପରେ ପୁତ୍ର ତଥା ସ୍ୱାମୀର

ମୃତ୍ୟୁ ପରେ ମଧ୍ୟ ଭାଗ୍ୟ ଏବଂ ପରାଧିନତା ସ୍ୱୀକାର ନ କରିବା ଏବଂ ଇଂରେଜ ବିରୁଦ୍ଧରେ କ୍ରାନ୍ତିର ଆହ୍ୱାନରେ ଅଦମ୍ୟ ସାହସ ଦେଖାଇବା

ଏହି କାହାଣୀରେ ଦେଶପ୍ରେମର ଭାବ ସଂପ୍ରେଷିତ ହୋଇଥାଏ ଏବଂ ବାଳକ ମଧ୍ୟ ଏହା ଗ୍ରହଣ କରିଥାଏ, ଯେ ଦେଶଭକ୍ତ ମଧ୍ୟରେ କି କି ଗୁଣ ବିଦ୍ୟମାନ ଥାଏ ।

କାହାଣୀ ରୋଚକ କରିବା ପାଇଁ ଚରିତ୍ର-ଚିତ୍ରଣର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ । ପାତ୍ର ବା ଚରିତ୍ରର ଚିତ୍ରଣ ଅତିଭାବାତ୍ମକ ବି ହୋଇଥାଏ । ନିଶ୍ଚିତ ଚରିତ୍ର କହିବା ଦ୍ୱାରା ବାଳକ ଚରିତ୍ରରେ ମଜ୍ଜି ହୋଇଯାଆନ୍ତି । ଶ୍ରୋତା ଯଦି ଚରିତ୍ରରେ ମାନସିକ ରୂପେ ଯୋଡ଼ି ହୋଇ ଯାଆନ୍ତି ସେତେବେଳେ ସେମାନେ ଆଗର କାହାଣୀ ଶୁଣିବାକୁ ଉତ୍ସୁକତାର ସହ ଅନୁଭବ କରନ୍ତି ଏବଂ କାହାଣୀର ଉଦ୍ଦେଶ୍ୟ ତାଙ୍କର ମାନସିକ ଚିନ୍ତନର ସୂକ୍ଷ୍ମ ସଂବେଦନା ସ୍ତରରେ ପହଞ୍ଚି ଯାଇଥାଏ । ଯେପରି ଶ୍ରୀକୃଷ୍ଣଙ୍କ କର୍ତ୍ତବ୍ୟର କାହାଣୀ କହିବା ସମୟରେ ଶ୍ରୀକୃଷ୍ଣଙ୍କ ରୂପ, ତାଙ୍କର ଚଞ୍ଚଳତା, ଲହୁଣୀ ଚୋରି ଆଉ ତାର କାରଣ କୁହାଯାଇଥାଏ । କଂସର ଏକ ପ୍ରକୃତି ରୂପରେ ଏବଂ ତାହାର କାର୍ଯ୍ୟର ବର୍ଣ୍ଣନା ।

**ବାତାବରଣର ନିର୍ମାଣ** - କାହାଣୀ ଦ୍ୱାରା ଭାବ ଜାଗ୍ରତ କରିବା ବହୁତ ମହତ୍ୱପୂର୍ଣ୍ଣ ହୋଇଥାଏ ।

ଯଥା - ଅଭିମନ୍ୟୁଦ୍ୱାରା ଚକ୍ରବ୍ୟୁହ ଭେଦନର କାହାଣୀରେ ବଡ଼ ବଡ଼ ଯୋଦ୍ଧାଙ୍କର ଅସ୍ତ୍ରଶସ୍ତ୍ରର ବର୍ଣ୍ଣନା, ଅର୍ଥାତ୍ ଯୁଦ୍ଧର ବର୍ଣ୍ଣନ ନ କରାଯାଏ ତେବେ କାହାଣୀ, କାହାଣୀ ନ ହୋଇ ଘଟଣା ମାତ୍ର ହୋଇ ରହିଯାଏ ଏବଂ କାହାଣୀ ରୋଚକତା ହରାଇ ବସିଥାଏ ।  ଏହି ପ୍ରକାରର ସ୍ୱତନ୍ତ୍ରତା ସଂଗ୍ରାମରେ ସହିଦଙ୍କ କାହାଣୀ ସମୟରେ ସେହି ବ୍ରିଟିଶ୍ମାନଙ୍କ  ଦ୍ୱାରା କରାଯାଇଥିବା ଅତ୍ୟାଚାରର ବର୍ଣ୍ଣନା ବାତାବରଣ ନିର୍ମାଣ କରି ଦେଶଭକ୍ତିର କାହାଣୀ ଆଗକୁ ବଢ଼ାଇବା ଜରୁରୀ ଅଟେ ।

**କୌତୁହଳ** - କାହାଣୀ କେବଳ ଘଟଣାର ବର୍ଣ୍ଣନା ହୋଇ ନଥାଏ । କାହାଣୀ

ଅବିଚ୍ଛିନ୍ନ ଭାବେ କହିବା ହିଁ ସର୍ବାଧିକ ମହତ୍ୱପୂର୍ଣ୍ଣ ଅଟେ । ଆଗକୁ କଣ ହେବ ଏହି ଉତ୍ସୁକତା ଶ୍ରୋତାଙ୍କ ମନରେ ସୃଷ୍ଟି ହେଲେ କାହାଣୀ ରୋଚକ ହୋଇଥାଏ । ଏହା ଏକ ବୃକ୍ଷ ସଦୃଶ ଯାହାକି କାହାଣୀ କହୁଥିବା ବ୍ୟକ୍ତିର ଅଭିବ୍ୟକ୍ତି ତଥା କ୍ଷମତାର ପରୀକ୍ଷା ଅଟେ । କୌତୁହଳ ସୃଷ୍ଟି ନିମନ୍ତେ କିଛି ବିରାମ ଦେଇ କହିବା, ଶ୍ରୋତାଙ୍କ ଭାବକୁ ଦେଖିବା, କିଛି କହି କିଛି କ୍ଷଣ ରହିବା, କାହାଣୀରେ ବାକ୍ୟ କହିବା ପରେ ତାର ଭାବକୁ ଶ୍ରୋତାଙ୍କ ଦ୍ୱାରା ଗ୍ରହଣ କରିବା ପାଇଁ କିଛି କ୍ଷଣ ଲାଗିଥାଏ । ସେତିକି ସମୟ ଦେବା ଦରକାର  ତାପରେ ପ୍ରାରମ୍ଭ କରାଯିବା ଆବଶ୍ୟକ ।  ଯେବେ ଶ୍ରୋତା ଚରିତ୍ର ବା ନାୟକରେ ମାନସିକ ରୂପେ ଯୋଡ଼ି ହୋଇଯାଏ, ସେତେବେଳେ ତାଙ୍କର ମନର ଭାବନାରେ ବି ଅନୁଭବ ହେଇଥାଏ । କାହାଣୀକୁ ଭାବସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଚରତ୍ରରେ ସଂଘର୍ଷର ବର୍ଣ୍ଣନ ପ୍ରଭାବଶାଳୀ ହେବା ଦରକାର । ଯେପରି ସୁବାଷଚନ୍ଦ୍ର ବୋଷ କିପରି ପ୍ରଶାସନିକ ସେବାକୁ ସ୍ୱୀକାର ନ କରି, ନିଜ ଜୀବନ ଦେଶସେବାରେ ଲଗାଇବାର ନିଷ୍ପତ୍ତି ନେଇଥିଲେ । ତାଙ୍କ ମନରେ କେଉଁ ପ୍ରକାର ଚିନ୍ତନ ହେଲା !

କାହାଣୀ କହିବା ପାଇଁ ଭାଷାର ବିଶେଷ ଧ୍ୟାନ ଦେବା ଦରକାର । ଭାଷା ବାଳକଙ୍କ ବୟସ ଅନୁସାରେ ହିଁ ହେବ, କିଛି କବିତାର ଧାଡ଼ି, ଚଉପଦି ଶ୍ରୋତାମାନଙ୍କ ଦ୍ୱାରା ବି ଦୋହରାଇବା, ଯାହାଦ୍ୱାରା ଶ୍ରୋତାଙ୍କ ସହଭାଗିତା ରହିବ ଏବଂ କାହାଣୀ ଅଧିକ ରୁଚିପୂର୍ଣ୍ଣ ଏବଂ ଲମ୍ବା ସମୟ ପର୍ଯ୍ୟନ୍ତ କାହାଣୀର ପ୍ରଭାବ ରହିବ ।

ଯେପରି - ଶିବାଜୀଙ୍କ ଜୀବନର ଏକ ଘଟଣା ଯେଉଁଥିରେ ବାଳକଙ୍କୁ ଆତତାୟୀଙ୍କ ଆକ୍ରମଣରୁ ମନ୍ଦିର ବଞ୍ଚାଇବା ପାଇଁ ସଂଗଠନର ମହତ୍ୱ କହୁଛନ୍ତି । ବାଳକ ସେହି କାହାଣୀରେ ଆତତାୟୀଙ୍କ ପଥରରୁ ଏବଂ ଏକସ୍ୱରରେ ଲଗାଯାଇଥିବା ନାରା ଦ୍ୱାରା ଭୟଭୀତ କରିଥାଏ ।

**ସମ୍ବେଦନା ତଥା ଉଦ୍ଦେଶ୍ୟ –** କାହାଣୀର ଅନ୍ତରେ ସାମାନ୍ୟତଃ ଉପଦେଶ କହିବା ଆବଶ୍ୟକତା ନ ରହିବା ଦରକାର । ବାଳକ କାହାଣୀରେ ବର୍ଣ୍ଣିତ ଚରିତ୍ର, ବାତାବରଣ ଘଟଣା ସଂଘର୍ଷ, ପରିଣତିରେ ବିଭିନ୍ନ ଦ୍ୱନ୍ଦ,

ଅନ୍ତର୍ଦ୍ୱନ୍ଦଙ୍କୁ ଚିହ୍ନି ସ୍ୱୟଂ ହିଁ ତା ଠାରୁ ପ୍ରାପ୍ତ ନୈତିକ ମୂଲ୍ୟକୁ ଅନୁଭବ କରୁ, ଏହା ହିଁ କାହାଣୀର ସାର୍ଥକତା ହୋଇଥାଏ । ସଂସ୍କାର ବର୍ଗରେ ବିଭିନ୍ନ ସାତ୍ତ୍ୱିକ ଭାବ ସଂକ୍ଷେପଣ ହେତୁ କାହାଣୀ ଚୟନ କରାଯାଏ, ଉଦାହରଣାର୍ଥ ଭାବ  କାହାଣୀ

ମାତୃ-ପିତୃ ଭକ୍ତି ଆଜ୍ଞାପାଳନ  ଶ୍ରୀରାମ, ସନ୍ଦିପନିର କାହାଣୀ

ଗୁରୁ ଭକ୍ତି/ ଶ୍ରଦ୍ଧା-ଆରୁଣୀ, ଗଣେଶର କାହାଣୀ

ଜ୍ଞାନ ପିପାସା-ଏକଲବ୍ୟ, ନଚିକେତା

ଦେଶଭକ୍ତି /ସ୍ୱାଭିମାନ-ବୀର ସାବରକର, ଝାନ୍ସୀରରାଣୀ

ଶୌର୍ଯ୍ୟ/ସାହସ- ଲକ୍ଷ୍ମୀବାଇ, ଭଗତ୍ ସିଂ

ତ୍ୟାଗର ବଳିଦାନ-ସୁବାଷଚନ୍ଦ୍ର ବୋଷ

ଅନ୍ୟାୟର ବିରୋଧ-ଦେଶଭକ୍ତଙ୍କର କାହାଣୀ

କରୁଣା/ ପ୍ରେମ-ଶବରୀର ରାମଭକ୍ତି  ଶ୍ରୀକୃଷ୍ଣ ସୁଦାମା

ପରୋପକାର -ତୁକାରାମ

ଆତ୍ମକଲ୍ୟାଣରୁ ଉପରକୁ ଉଠି  ସର୍ବଜନ ସୁଖାୟର ବିଚାର-ସ୍ୱାମୀ ବିବେକାନନ୍ଦ

ସହଜତା/ ସରଳତା-ଈଶ୍ୱର ଚନ୍ଦ୍ର ବିଦ୍ୟା ସାଗର, ଲାଲ୍ ବାହାଦୂର୍ ଶାସ୍ତ୍ରୀ

ପରିଶ୍ରମ ବା ଉଦ୍ୟମଶୀଳତା-ନ୍ୟାୟାଧୀଷ ରାମଶାସ୍ତ୍ରୀ

ସଚ୍ଚୋଟତା-ଶିବାଜୀଙ୍କ ଜୀବନର ଘଟଣା

ସତ୍ୟନିଷ୍ଠା- ହରିଶ୍ଚନ୍ଦ୍ର

ସଂଗଠନ ସମସ୍ତଙ୍କ ସହ ସମଭାବ ରଖିବା-ଶିବାଜୀଙ୍କ କାହାଣୀ

(ଦାୟିତ୍ୱବୋଧ )

ସମର୍ପଣ  ଝଲକାରୀ କାହାଣୀ

ଦୃଢ଼ସଂକଳ୍ପ ସ୍ୱାମୀ ବିବେକାନନ୍ଦ

ଆଜ୍ଞା ପାଳନ  ହନୁମାନଙ୍କ କାହାଣୀ

ଅନୁଶାସନ ଏକନାଥଜୀ

## ସଂକଳ୍ପ -

ଛୋଟ ଛୋଟ ସଂକଳ୍ପ ଦ୍ୱାରା ବଡ଼ ବଡ଼ କାର୍ଯ୍ୟ ବା ସ୍ୱପ୍ନ ସାକାର ହୋଇଥାଏ । ସଂସ୍କାର ବର୍ଗରେ କାହାଣୀ ମାଧ୍ୟମରେ ଦିଆଯାଇଥିବା ମାନସିକ ଅନୁଭୂତି ପରେ ବାଳକ ବା ବାଳିକାଙ୍କ ମନରେ ସ୍ୱୟଂ ହିଁ ସଂକଳ୍ପ ନେବାର ସ୍ଥିତି ଆସିଯାଇଥାଏ । କେବଳ ଶବ୍ଦ ରୂପରେ ତାହାର ଅଭିବ୍ୟକ୍ତି, ସଂକଳ୍ପ ନିମ୍ନାଙ୍କିତ ବିନ୍ଦୁକୁ ଧ୍ୟାନରେ ରଖି କରି ନିଆଯାଇଥାଏ ।

୧. ସଂକଳ୍ପ କ୍ଷମତାର ଅନୁରୂପ ଦୈହିକ କ୍ଷମତାଠାରୁ ଟିକେ ଅଧିକ ।
୨. ସଂକଳ୍ପ ସକାରାତ୍ମକ ହେବା ଆବଶ୍ୟକ ।
୩. ସଂକଳ୍ପ କ୍ରିୟାତ୍ମକ ହେବା ଆବଶ୍ୟକ ।
୪. ସଂକଳ୍ପ ସ୍ପଷ୍ଟ ସମୟବଦ୍ଧ ହେଉ । ଯେପରି ଏକ ସପ୍ତାହ ପର୍ଯ୍ୟନ୍ତ ।

"ଶିକ୍ଷା ବହୁ ବିଷୟକ ତଥ୍ୟଗତ ସମ୍ବାଦର ଭଣ୍ଡାର ନୁହେଁ ଯାହା ମସ୍ତିଷ୍କରେ ଭର୍ତ୍ତିକରି ଆଜୀବନ ସେଗୁଡ଼ିକୁ ଅଜୀର୍ଣ୍ଣ ରଖି ମସ୍ତିଷ୍କକୁ କୋଳାହଳରେ ଭରିବା । ଜୀବନ ଗଠନ, ମନୁଷ୍ୟତ୍ୱ ଗଠନ, ଚରିତ୍ର ନିର୍ମାଣ କରୁଥିବା ପରିପକ୍ୱ ଭାବନାକୁ ଆମ୍ଭେମାନେ ଧାରଣ କରିବା ଆବଶ୍ୟକ । ତୁମେ ଯଦି ପାଞ୍ଚଟି ଭାବନାକୁ ପରିପାକ କରି ତୁମ ଜୀବନ ଏବଂ ଚରିତ୍ର ସହ ମିଶାଇ ଦେଇଛ, ତେବେ ସମଗ୍ର ପାଠାଗାରକୁ ମୁଖସ୍ଥ କରିଥିବା ବ୍ୟକ୍ତିଠାରୁ ତୁମେ ଅଧିକ ଶିକ୍ଷାଲାଭ କରିଛ ।"

- ସ୍ୱାମୀ ବିବେକାନନ୍ଦ

# ସ୍ୱଦେଶ ମନ୍ତ୍ର

"ହେ ଭାରତ ଏହି ପରାନୁବାଦ, ପରାନୁକରଣ, ପରମୁଖାପେକ୍ଷିତା, ଏହି ଦାସ ସୁଲଭ ଦୁର୍ବଳତା, ଏହି ଘୃଣିତ ଜଘନ୍ୟ ନିଷ୍ଠୁରତା- ଏତିକି ମାତ୍ର ସମ୍ବଳରେ ତୁମେ ଉଚ୍ଚାଧିକାର ଲାଭ କରିବ ?

ଏହି ଲଜ୍ଜାକର କାପୁରୁଷତାର ସହାୟତାରେ ତୁମେ ବୀରଭୋଗ୍ୟା ସ୍ୱାଧୀନତା ଲାଭ କରିବ ?

ହେ ଭାରତ, ଭୁଲନାହିଁ- ତୁମ ନାରୀ ଜାତିର ଆଦର୍ଶ ସୀତା, ସାବିତ୍ରୀ, ଦମୟନ୍ତୀ, ଭୁଲନାହିଁ – ତୁମର ଉପାସ୍ୟ ଉମାନାଥ ସର୍ବତ୍ୟାଗୀ ଶଙ୍କର; ଭୁଲ ନାହିଁ ତୁମର ବିବାହ, ତୁମର ଧନ, ତୁମର ଜୀବନ, ଇନ୍ଦ୍ରିୟ ସୁଖ- ନିଜର ବ୍ୟକ୍ତିଗତ ସୁଖ ପାଇଁ ନୁହେଁ;

ଭୁଲ ନାହିଁ – ତୁମେ ଜନ୍ମଦିନରୁ ମା'ଙ୍କ ପାଇଁ ବଳିପ୍ରଦତ୍ତ; ଭୁଲ ନାହିଁ – ତୁମର ସମାଜ ସେହି ବିରାଟ ମହାମାୟାଙ୍କର ଛାୟା ମାତ୍ର; ଭୁଲ ନାହିଁ – ନୀଚ ଜାତି, ମୂର୍ଖ, ଦରିଦ୍ର, ଅଜ୍ଞ, ତୁମର ରକ୍ତ, ତୁମର ଭାଇ ।

ହେ ବୀର ! ସାହସ ଅବଲମ୍ବନ କର, ସଦର୍ପ କୁହ, ମୁଁ ଭାରତ ବାସୀ, ଭାରତ ବାସୀ ମୋର ଭାଇ ! କୁହ- ମୁର୍ଖ ଭାରତବାସୀ, ଦରିଦ୍ର ଭାରତ ବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ, ମୋର ଭାଇ; ତୁମେ ମଧ୍ୟ କଟୀମାତ୍ର ବସ୍ତ୍ରାବୃତ ହୋଇ ସଦର୍ପ ଡାକି କୁହ – ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତର ଦେବାଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ବାର୍ଦ୍ଧକ୍ୟର ବାରାଣସୀ; କୁହ ଭାଇ- ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣ ମୋର କଲ୍ୟାଣ, ଆଉ ଦିନ ରାତି କୁହ, ହେ ଗୌରୀନାଥ, ହେ ଜଗଦମ୍ବେ, ମୋତେ ମନୁଷ୍ୟତ୍ୱ ଦିଅ; ମା' ମୋର ଦୁର୍ବଳତା, କାପୁରୁଷତା ଦୂର କର, ମୋତେ ମନୁଷ୍ୟ କର ।

**- ସ୍ୱାମୀ ବିବେକାନନ୍ଦ**

**Anandalaya Margadarshika**

Price : ₹ 20/-


**ଯୋଗାଯୋଗ ଠିକଣା:**

ପ୍ରକଳ୍ପ ସଂଗଠକ, ବିବେକାନନ୍ଦ କେନ୍ଦ୍ର ଓଡ଼ିଶା ସେବା ପ୍ରକଳ୍ପ

ସି –୧୫, ୟୁନିଟ୍ – ୮, ପୋ. – ନୂଆପଲ୍ଲୀ , ଭୁବନେଶ୍ୱର – ୭୫୧୦୧୨

ଦୂରଭାଷ – ୦୬୭୪୨୫୬୩୫୭୦, ୯୯୩୭୭୩୦୪୧୪

E mail - odishasevaprakalpa@vkendra.org